THE AADHAR ODISHA

# ଆଧାର ଓଡ଼ିଶା

RNI Title Code No. ODIODI08073

ଏକ ନିଆରା ସାପ୍ତାହିକୀ

♦ବର୍ଷ-୨ ♦ସଂଖ୍ୟା-୧୭ ♦ବରଗଡ଼ ♦ ୩ -୯ ମାର୍ଚ୍ଚ ୨୦୨୩ ♦୫ ଟଙ୍କା ♦ପୃଷ୍ଠା-୮ ♦VOL-2 ♦ISSUE- 17♦BARGARH ♦ 3 -9 MARCH 2023 ♦RS.5/- ♦PAGE-8

ପବିତ୍ର 'ଦୋଳ ପୂର୍ଣ୍ଣିମା' ଓ ରଙ୍ଗର ପର୍ବ 'ହୋଲି' ଅବସରରେ ଓଡ଼ିଶାର ସମସ୍ତ ଜନସାଧାରଣଙ୍କୁ 'ଆଧାର ଓଡ଼ିଶା' ପରିବାର ପକ୍ଷରୁ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।




ପ୍ରସୂତୀ ମୃତ୍ୟୁହାର ଏବେ ବି ଅଧିକ ପୃଷ୍ଠା-୩➔



ବଲିଉଡ୍‌ର କୁଆଁରୀ ମା' ପୃଷ୍ଠା-୫➔



ରୋଗାଗ୍ରସ୍ତ ଅବସ୍ଥାରେ ବିନିକା ଡାକ୍ତରଖାନା ପୃଷ୍ଠା-୬➔



ଭାଇଚାରାରେ ହୋଲି ପୃଷ୍ଠା-୮➔




# ପଛୁଆ ବର୍ଗଙ୍କୁ ହାତରେ ରଖିବାକୁ ମାଷ୍ଟରଷ୍ଟ୍ରୋକ୍

## ଆରମ୍ଭ ହେବ ଓବିସି ଗଣନା: ଜୁଲାଇ ୧୨ ସୁଦ୍ଧା ସରିବ ସର୍ଭେ

ଭୁବନେଶ୍ୱର: ପଛୁଆ ବର୍ଗଙ୍କ ସର୍ଭେ ଲାଗି ଅଣ୍ଟା ଭିଡ଼ିଲେ ସରକାର । ଭୋଟ୍ ପୂର୍ବରୁ ଓବିସିଙ୍କୁ ହାତରେ ରଖିବାକୁ ରାଜ୍ୟ ସରକାରଙ୍କ ଉଦ୍ୟମ । ଘୋଷଣାର ବହୁ ଦିନ ପରେ ପଛୁଆ ବର୍ଗ ସର୍ଭେକୁ ମିଳିଲା ଗ୍ରୀନ୍ ସିଗନାଲ୍ । ବିହାର ପରେ ଓଡ଼ିଶା କରିବାକୁ ଯାଉଛି ନିଜସ୍ୱ ପଛୁଆ ବର୍ଗ (ଓବିସି) ସର୍ଭେ । ଏନେଇ ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଯାଉଛି ପ୍ରକ୍ରିୟା । ସାଧାରଣ ନିର୍ବାଚନ ପୂର୍ବରୁ ରାଜନୀତିକ ଛକାପଞ୍ଝା ଓ ଉଷ୍ମତା ମଧ୍ୟରେ କ୍ଷମତାସୀନ ବିଜେଡି ସରକାର ଗତ ୨୦୨୧ ମେ' ମାସରୁ ସ୍ଥଗିତ ଥିବା ଓବିସି ସର୍ଭେକୁ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଚଳିତବର୍ଷ ଜୁଲାଇ ୧୨ତାରିଖ ସୁଦ୍ଧା ରାଜ୍ୟରେ ଓବିସି ଗଣନାର ସମସ୍ତ ପ୍ରକ୍ରିୟା ଶେଷ ହେବ । ଏହି ସର୍ଭେ ଆରମ୍ଭ କରିବା ପାଇଁ ବିଭିନ୍ନ ଗାଇଡ଼ଲାଇନ ସହ ସମସ୍ତ ଜିଲ୍ଲାପାଳ ଓ ମହାନଗର ନିଗମ କମିଶନରଙ୍କୁ ଚିଠି ଲେଖିଛନ୍ତି ରାଜ୍ୟ ପଛୁଆ ବର୍ଗ କମିଶନ ସଦସ୍ୟ ସଚିବ ବୀର ବିକ୍ରମ ଯାଦବ ।

ରାଜ୍ୟର ପ୍ରାୟ ୫୪ ପ୍ରତିଶତ ଲୋକ ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି)ର ହୋଇଥିବାରୁ ସାଧାରଣ ନିର୍ବାଚନର କିଛି ମାସ ପୂର୍ବରୁ ଏହି ସର୍ଭେ ଶେଷ କରାଇ ଓବିସି ଭୋଟରଙ୍କୁ ସନ୍ତୁଷ୍ଟ କରିବାକୁ ଶାସକ ବିଜେଡିର ଏହା ଏକ ମାଷ୍ଟରଷ୍ଟ୍ରୋକ୍ ବୋଲି କୁହାଯାଉଛି । ତେବେ ପ୍ରଶ୍ନ ଉଠୁଛି ଦୀର୍ଘଦିନ ପରେ କାହିଁକି ପଛୁଆ ବର୍ଗ ସର୍ଭେ ଲାଗି ଅଣ୍ଟା ଭିଡ଼ିଲେ ସରକାର ? ଭୋଟ୍‌ର ବର୍ଷେ ପୂର୍ବରୁ କାହିଁକି ଏ କସରତ ? ରାଜ୍ୟରେ ପଛୁଆ ବର୍ଗଙ୍କ ସଂଖ୍ୟା ଜନସଂଖ୍ୟାର ଅଧାରୁ ଅଧିକ ଥିବାରୁ ସେମାନଙ୍କୁ ପ୍ରଭାବିତ କରିବା ଲାଗି ଏ ଉଦ୍ୟମ ନୁହେଁ ତ ? ସର୍ଭେ ପରେ ଓବିସିଙ୍କ ଲାଗି ରାଜ୍ୟ ସରକାର କୌଣସି ସ୍ପେଶାଲ ସ୍କିମ୍ ଆଣିବେ କି ? ସେପଟେ ବିରୋଧୀ ଅଭିଯୋଗ କରିଛନ୍ତି, ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ପଛୁଆ ବର୍ଗ ଲାଗି ସଂରକ୍ଷଣ ବ୍ୟବସ୍ଥା ନକରି କେବଳ ଭୋଟ୍ ପାଇଁ ଏଭଳି ସୁଆଙ୍ଗ କରାଯାଉଛି ।

ସୂଚନାଯୋଗ୍ୟ, କୋଭିଡ୍ ସଂକ୍ରମଣ ଯୋଗୁଁ ୨୦୨୧ ମେ' ମାସରେ ପଛୁଆ ବର୍ଗ ସର୍ଭେ ସ୍ଥଗିତ ରହିଥିଲା । ଏହି ସର୍ଭେ କାର୍ଯ୍ୟ ପୁନର୍ବାର ଆରମ୍ଭ କରିବା ଲାଗି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ଏହି ସର୍ଭେ ପାଇଁ ବିଭିନ୍ନ ଗାଇଡ଼ଲାଇନ ଜାରି କରାଯାଇଛି । ସର୍ଭେ ମାଧ୍ୟମରେ ରାଜ୍ୟର ୩୦ଟି ଜିଲ୍ଲାର ୩୧୪ ବ୍ଲକ୍ ଓ ୧୧୪ ପୌରାଞ୍ଚଳରେ ପଛୁଆ ବର୍ଗଙ୍କ ସାମାଜିକ ଓ ଅର୍ଥନୈତିକ ସ୍ଥିତିର ସମୀକ୍ଷା ହେବ । ଏହି ସମସ୍ତ ଗଣନା ପ୍ରକ୍ରିୟା ଚଳିତବର୍ଷ ଜୁଲାଇ ୧୨ତାରିଖ ସୁଦ୍ଧା ନିଶ୍ଚିତ ଭାବେ ଶେଷ ହେବ । ଜିଲ୍ଲାରେ ସର୍ଭେ ପାଇଁ



ଜିଲ୍ଲାପାଳ ଓ ମହାନଗର ଅଞ୍ଚଳ ଲାଗି କମିଶନର ତଦାରଖ କରିବେ । ପ୍ରତି ଜିଲ୍ଲା ସର୍ଭେ ପରିଚାଳନା ଯୋଜନା ପ୍ରସ୍ତୁତ କରି ମାର୍ଚ୍ଚ ପ୍ରଥମ ସପ୍ତାହ ସୁଦ୍ଧା କମିଶନଙ୍କ ନିକଟକୁ ପଠାଇବେ । ୬ ଜଣ ଅତିରିକ୍ତ ସଚିବ ପାହ୍ୟାର ଅଫିସରଙ୍କୁ ୩୦ ଜିଲ୍ଲାର ଜୋନାଲ୍ ଅଫିସର ଦାୟିତ୍ୱ ଦିଆଯାଇଛି । ନିର୍ବାଚନ ଓ ଜନଗଣନାରେ ଅଭିଜ୍ଞତା ଥିବା ବରିଷ୍ଠ ଓଏଏସ ଅଧିକାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି । ଆସନ୍ତା ସପ୍ତାହରେ ବ୍ଲକ୍ ସ୍ତରରେ ସୁପରଭାଇଜର ଓ ଗଣନାକାରୀଙ୍କ ପାଇଁ ବିଡିଓ ଓ ତହସିଲଦାରଙ୍କ ଦ୍ୱାରା ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯିବ । ପଞ୍ଚାୟତରେ ଅଙ୍ଗନବାଡ଼ି କର୍ମୀ ଓ ସହରାଞ୍ଚଳରେ ୱାର୍ଡ ଅଫିସର, ଟ୍ୟାକ୍ସ କଲେକ୍ଟରମାନେ ଗଣନାକାରୀ କାର୍ଯ୍ୟ ତୁଲାଇବେ । ସେହିପରି ପ୍ରତ୍ୟେକ ୧୦ ଗଣନାକାରୀଙ୍କ କାର୍ଯ୍ୟ ତଦାରଖ ପାଇଁ ଜଣେ ଲେଖାଏଁ ସୁପରଭାଇଜରଙ୍କୁ ନିଯୁକ୍ତି ଦିଆଯାଇଛି । ➔ପୃଷ୍ଠା-୭

## ସମ୍ପାଦକୀୟ

ତାଙ୍କ ଭେଣ୍ଡି ଆମ ସୁନା

# ମାର୍ଚ୍ଚରୁ ମେ' କଲବଲ

ଭୁବନେଶ୍ୱର: ମାର୍ଚ୍ଚରୁ ମେ' ତ୍ରାହି ନାହିଁ । ଆକାଶରୁ ଖସିବ ନିଆଁ ଖଣ୍ଡ ! ଉପକୂଳରୁ ଉପାନ୍ତ ସବୁଠି ହେବ ଅଗ୍ନି ବର୍ଷା । ମାର୍ଚ୍ଚରୁ ମେ' ଗରମ ଗୁଳୁଗୁଳି ଅସ୍ତବ୍ୟସ୍ତ କରିବ । ସକାଳ ୧୦ରୁ ସୂର୍ଯ୍ୟଙ୍କ ପ୍ରଖର କିରଣ ଆରମ୍ଭ ହେବ ଓ ଅପରାହ୍ଣ ୪ ପର୍ଯ୍ୟନ୍ତ ତାତି କଲବଲ କରିବ । ଏମିତି କି ଅନେକ ସମୟରେ ଓଡ଼ିଶା ଦେଶର ସବୁଠୁ ଉତ୍ତପ୍ତ ରାଜ୍ୟରେ ପରିଣତ ହେବ । ଏହି ୩ ମାସ ତାପମାତ୍ର ସ୍ୱାଭାବିକ ଠାରୁ ୩ରୁ ୪ଡିଗ୍ରୀ ଅଧିକ ରହିବ । ଘନ ଘନ ଗ୍ରୀଷ୍ମ ଲହରୀ (ହିଟ୍ ୱେଭ୍) ପରିସ୍ଥିତି ମଧ୍ୟ ଉପୁଜିବ ବୋଲି ଭୁବନେଶ୍ୱର ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ବଡ଼ କଥା ହେଉଛି ଯେ ଚଳିତ ବର୍ଷ ମାର୍ଚ୍ଚ ମାସରୁ ହିଟ୍ ୱେଭ୍ ପରିସ୍ଥିତି ସୃଷ୍ଟି ହେବ ବୋଲି ବିଭାଗ ଆକଳନ କରିଛି । ଅନ୍ୟପଟେ ଚଳିତ ବର୍ଷ ଫେବ୍ରୁଆରୀ ମାସରେ ହୋଇଥିବା ତାତି ୧୨୩ ବର୍ଷର ରେକର୍ଡ ଭଙ୍ଗ କରିଛି । ଦେଶରେ ୧୯୦୧ ରୁ ୨୦୨୩ ମଧ୍ୟରେ ଅର୍ଥାତ ଚଳିତ ବର୍ଷ ଫେବ୍ରୁଆରୀରେ ସର୍ବାଧିକ ତାତି ଅନୁଭୂତ ହୋଇଛି ବୋଲି ଆଇଏମ୍‌ଡି କହିଛି ।

ଉତ୍ତର ଉତ୍ତର ପଶ୍ଚିମ ଦିଗରୁ ରାଜ୍ୟକୁ ଶୁଷ୍କ ଓ ଉତ୍ତପ୍ତ ବାୟୁ ପ୍ରବେଶ ସହ ରାଜ୍ୟରେ ତାପମାତ୍ରା ବୃଦ୍ଧି ହେବ । ଏହାଦ୍ୱାରା କିଛି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିବ ବୋଲି ଆକଳନ କରାଯାଇଛି । ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ସବୁ ରାଜ୍ୟକୁ ଚିଠି ଲେଖିବା ପରେ ସ୍ୱାସ୍ଥ୍ୟ ବିଭାଗ ତତ୍ପରତା ଦେଖାଇଛି । ଗ୍ରୀଷ୍ମ ପ୍ରବାହକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଆଡଭାଇଜରି ଜାରି ହୋଇଛି । ଗ୍ରୀଷ୍ମ ପ୍ରବାହ ଜନିତ ସମସ୍ୟାକୁ ➔ପୃଷ୍ଠା-୭



# ପ୍ରଦୀପ ଜେନା ମୁଖ୍ୟ ଶାସନ ସଚିବ

## ସିଏସ୍‌ଙ୍କ ଆଗରେ ରହିଛି ଅନେକ ପ୍ରମୁଖ ଚ୍ୟାଲେଞ୍ଜ

ଭୁବନେଶ୍ୱର: ରାଜ୍ୟର ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ନେଇଛନ୍ତି ୧୯୮୯ ବ୍ୟାଚ୍ ଆଇଏଏସ୍ ଅଫିସର ପ୍ରଦୀପ କୁମାର ଜେନା । ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ କାର୍ଯ୍ୟକାଳ ମଙ୍ଗଳବାର ଶେଷ ହେବା ପରେ ଶ୍ରୀ ଜେନା ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି । ବାତ୍ୟା ବିପର୍ଯ୍ୟୟ ହେଉ, ଅବା କୋରୋନା ମହାମାରୀ । ୪ ବର୍ଷ ହେଲା ସ୍ୱତନ୍ତ୍ର ରିଲିଫ କମିଶନର ଭାବେ ବିଭିନ୍ନ ସଙ୍କଟ ସ୍ଥିତିର ସୁପରିଚାଳନା କରି, ରାଜ୍ୟ ସରକାରଙ୍କ ଭରସା ସାଉଁଟିଥିବା ଏହି ବରିଷ୍ଠ ଅଧିକାରୀଙ୍କ ଉପରେ ପୁଣି ଆସ୍ଥା ପ୍ରକଟ କରିଛନ୍ତି ମୁଖ୍ୟମନ୍ତ୍ରୀ ତାଙ୍କୁ ରାଜ୍ୟର ମୁଖ୍ୟ ଶାସନ ସଚିବ ଭଳି ଗୁରୁ ଦାୟିତ୍ୱ ଅର୍ପଣ କରିଛନ୍ତି । ଏଥିସହ ସେ ମୁଖ୍ୟ ଉନ୍ନୟନ କମିଶନର ଭାବେ ମଧ୍ୟ ଦାୟିତ୍ୱ ନିର୍ବାହ କରିବେ । ତେବେ ଆସନ୍ତାବର୍ଷ ସାଧାରଣ ନିର୍ବାଚନ ହେବାକୁ ଥିବା ବେଳେ, ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ➔ପୃଷ୍ଠା-୭



# ଜୀବନ ନାଟକରେ ହାରିଗଲେ ପିଣ୍ଟୁ

## ଚିକିତ୍ସାଧିନ ଅବସ୍ଥାରେ ୪୫ ବର୍ଷ ବୟସରେ ପରଲୋକ

ଭୁବନେଶ୍ୱର: ଓଡ଼ିଆ ଚଳଚ୍ଚିତ୍ର ଜଗତ ପାଇଁ ଆଉ ଏକ ଦୁଃଖଦ ଖବର । ଡାକ୍ତରଙ୍କ ଅହରହ ଚେଷ୍ଟା, ସାଢ଼େ ୪ କୋଟି ଓଡ଼ିଆଙ୍କ ଭଲପାଇବା ଏବଂ ପ୍ରାର୍ଥନା ସତ୍ତ୍ୱେ ସମସ୍ତଙ୍କୁ ଛାଡ଼ି ଚାଲିଗଲେ ଓଡ଼ିଆ ଚଳଚ୍ଚିତ୍ର ଜଗତର ପରିଚିତ ଏବଂ ଜଣାଶୁଣା ଅଭିନେତା ପିଣ୍ଟୁ ନନ୍ଦ । ଅଭିନୟର ବିଭିନ୍ନ ରଙ୍ଗ ପରଶି ଓଡ଼ିଆ ଦର୍ଶକଙ୍କ ମନମୋହୁଥିବା ଅଭିନେତା ପିଣ୍ଟୁ ନନ୍ଦଙ୍କ ଅଭିନୟ ଜୀବନ ରଙ୍ଗମଞ୍ଚରେ ସମାପ୍ତ ହୋଇଛି । ଜୀବନ ନାଟକରେ ଯବନିକା ପଡ଼ିଛି ତାଙ୍କ ଭୂମିକାର । ବୁଧବାର ବିଳମ୍ବିତ ରାତି ପ୍ରାୟ ୧୧ଟା ୨୫ରେ ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । କିଛି ମାସ ହେବ ଲିଭର ସିରୋସିସ୍ ଭଳି ଦୁରାରୋଗ୍ୟ ବ୍ୟାଧି ସହ ଲଢୁଥିବା ପିଣ୍ଟୁ, ଶେଷରେ ହାରି ଯାଇଛନ୍ତି । ମାତ୍ର ୪୫ ବର୍ଷ ବୟସରେଏକ ବହୁବର୍ଣ୍ଣୀ କଳାକାର ଜୀବନର ଅବସାନ ଘଟିଛି । ତାଙ୍କୁ ବଞ୍ଚାଇବା ଲାଗି ଓଡ଼ିଆ ଚଳଚ୍ଚିତ୍ର ଜଗତ ଓ ➔ପୃଷ୍ଠା-୭

# ତାଙ୍କ ଭେଣ୍ଡି ଆମ ସୁନା

ତ୍ରିପୁରା, ନାଗାଲାଣ୍ଡ ଓ ମେଘାଳୟ ବିଧାନସଭା ନିର୍ବାଚନ ଫଳାଫଳ ଗୁରୁବାର ପ୍ରକାଶ ପାଇଛି। ତ୍ରିପୁରାକୁ ବିଜେପି ପୁନର୍ବାର ହାତେଇଥିବା ବେଳେ ନାଗାଲାଣ୍ଡ ଓ ମେଘାଳୟରେ ଏହି ଦଳ କନିଷ୍ଠ ଅଂଶୀଦାର ଭାବେ ସରକାରରେ ରହିବ। ନାଗାଲାଣ୍ଡ, ମେଘାଳୟ ଓ ତ୍ରିପୁରା ବିଧାନସଭା ଆସନ ସଂଖ୍ୟା ଯଥାକ୍ରମେ ୬୦, ୫୯ ଓ ୬୦।  ନାଗାଲାଣ୍ଡରେ ଆଞ୍ଚଳିକ ଦଳ ଜାତୀୟତାବାଦୀ ଗଣତାନ୍ତ୍ରିକ ପ୍ରଗତିଶୀଳ ପାର୍ଟି (ଏନଡିପିପି)କୁ ୨୫ଟି ଏବଂ ବିଜେପି ୧୨ଟି ଆସନ ମିଳିଛି। ୨୦୧୮ ନିର୍ବାଚନ ତୁଳନାରେ ଏନଡିପିପି ଅଧିକ ୮ଟି ଆସନ ପାଇଛି। ବିଜେପିର ସଂଖ୍ୟାରେ କୌଣସି ହ୍ରାସବୃଦ୍ଧି ଘଟିନାହିଁ। ମେଘାଳୟ ବିଧାନସଭା ନିର୍ବାଚନ ଫଳାଫଳ ଇତିହାସକୁ ଦୋହରାଇଛି। ଏଠରେ କୌଣସି ଦଳ ବା ମେଣ୍ଟକୁ ପୂର୍ଣ୍ଣ ସଂଖ୍ୟା ଗରିଷ୍ଠତା ମିଳିନାହିଁ।  ଜାତୀୟତାବାଦୀ ପପିପୁଲ୍ସ ପାର୍ଟି (ଏନପିପି) ୨୬ଟି ଆସନ ହାସଲ କରି ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ଉଭା ହୋଇଛି। ଫଳାଫଳ ଘୋଷଣା ହେଉ ନ ହେଉଣୁ ବିଜେପି ଘୋଷଣା କରିଦେଇଛି ଯେ ତାହାର ୨ ଜଣ ନବ ନିର୍ବାଚିତ ବିଧାୟକ ଏନପିପି ନେତା କୋନାର୍ଡ ସାଙ୍ଗମାଙ୍କୁ ସମର୍ଥନ ଦେବେ। ସୂଚନାଯୋଗ୍ୟ ଯେ, ଏହି ରାଜ୍ୟ ଗଠନ ହେବା ପରଠାରୁ କେବଳ ୧୯୭୨ ମସିହାର ପ୍ରଥମ ବିଧାନସଭା ନିର୍ବାଚନ ବ୍ୟତୀତ କେବେ ବି ଏଠାରେ ଗୋଟିଏ ଦଳ ନିଜସ୍ୱ ବଳରେ ସରକାର ଗଠନ କରିନାହାନ୍ତି। ତ୍ରିପୁରାରେ ବିଜେପି ଓ ଏହାର ମେଣ୍ଟ ଅଂଶୀଦାର ଦଳ ୩୩ଟି ଆସନ ହାସଲ କରିଛନ୍ତି।

ପୂର୍ବୋକ୍ତ ତିନୋଟି ରାଜ୍ୟର ଜନସଂଖ୍ୟା ଓ ଲୋକସଭା ଆସନ ସଂଖ୍ୟାକୁ ଦେଖିଲେ ସଂଘ ସରକାରରେ ସେମାନଙ୍କ କୌଣସି ବିଶେଷ ଭୂମିକା ନାହିଁ। କିନ୍ତୁ ଭୋଟଧାରାରୁ ଭାରତୀୟ ସାଧାରଣ ନାଗରିକଙ୍କ, ବିଶେଷ ଭାବେ, ପୂର୍ବୋତ୍ତର ପ୍ରାନ୍ତର ରାଜନୈତିକ ନାଡିର ଗତି ଓ ସ୍ଥିତି ଜାଣିହେବ। ପ୍ରଥମେ ନାଗାଲାଣ୍ଡ ଓ ମେଘାଳୟ ରାଜ୍ୟ କଥା ଚିନ୍ତା କରାଯାଉ। ଏହି ଦୁଇ ରାଜ୍ୟ ଭୋଟରଙ୍କ ମଧ୍ୟରେ  କିରସ୍ତାନ ଧର୍ମାବଲମ୍ବୀଙ୍କ ସର୍ବାଧିକ। ଯଦିଓ ବିଜେପିକୁ ଏଠି ନିଜସ୍ୱ ସରକାର ଗଠନ କରିବାର ସୁଯୋଗ ନାହିଁ, ତଥାପି ସେହି ଦୁଇ ରାଜ୍ୟର ଆଞ୍ଚଳିକ ଦଳ ବିଜେପିକୁ  ସାଥିରେ କ୍ଷମତା ଭାଗ ବାଣ୍ଟିବା ପ୍ରମାଣିତ କରୁଛି ଯେ, ସେଠି ବିଜେପିର ହିନ୍ଦୁତ୍ୱବାଦୀ ରାଜନୀତି ପ୍ରତି କୌଣସି ବିଦ୍ୱେଷ ଭାବ ନାହିଁ। ଦ୍ୱିତୀୟତଃ ମେଘାଳୟର ଏନପିପି ନେତା କୋନାର୍ଡ ସାଙ୍ଗମାଙ୍କ ବିରୋଧରେ କେବଳ ତାଙ୍କ ପ୍ରତିପକ୍ଷ ନୁହନ୍ତି, ସହଯୋଗୀ ମଧ୍ୟ ବ୍ୟକ୍ତିଗତ ଦୁର୍ନୀତିର ଅନେକ ଅଭିଯୋଗ ବାଢି ଆସିଛନ୍ତି। ମାତ୍ର ଭୋଟର ଏବେ ଆଉ ଦୁର୍ନୀତି ପ୍ରତି ପୂର୍ବ ଭଳି ବିରକ୍ତି ଭାବ ପ୍ରକାଶ ନ କରି ତାହାକୁ ଦେହ ସୁହା କରେଇ ନେଲେଣି ବୋଲି ସ୍ପଷ୍ଟ ହୋଇ ଯାଉଛି। ସେହିଭଳି ରାଜନୈତିକ ଦଳଗୁଡିକ ନିଜକୁ ଧୋବ ଫରଫର ବୋଲି ପ୍ରମାଣିତ କରିବା ଅପେକ୍ଷା ପ୍ରତିପକ୍ଷ ଅଧିକ ଦୁର୍ନୀତିଗ୍ରସ୍ତ ବୋଲି ଉପସ୍ଥାପିତ କରୁଛନ୍ତି। କେବଳ ସେତିକି ନୁହେଁ, ଅନ୍ୟ ଦଳର ଦୁର୍ନୀତି ଅଭିଯୋଗ ଆକ୍ରାନ୍ତ ନେତା ଆପଣା ଦଳକୁ ଆସିଲା ପରେ ତାଙ୍କୁ  ଜହ୍ନମାମୁଁ ରକମ ଆପଣେଇ ନିଆଯାଉଛି। ତାଙ୍କ ଭେଣ୍ଡି ଆମ ସୁନା ପାଲଟି ଯାଉଛି। ଉଦାହରଣ ଭାବେ କୋନାର୍ଡ ସାଙ୍ଗମାଙ୍କୁ ନିଆଯାଉ। କୋନାର୍ଡଙ୍କ ଏନପିପି ଓ ବିଜେପି ପୂର୍ବରୁ ଭାଇ ଭାଇ ଭଳି ସରକାରରେ ଥିଲେ। କୌଣସି କାରଣରୁ ଫାଟ ସୃଷ୍ଟି ହୋଇ ଭଗାରୀ ହେବା ପରେ କୋନାର୍ଡଙ୍କ ଦୁର୍ନୀତିର ଗାହାଣୀ ବିଜେପି ଗାଇ ଚାଲିଥିଲା।  ଏବେ ନିର୍ବାଚନ ଫଳାଫଳକୁ ଦେଖି କ୍ଷମତା ସୁଖର ଲୋଭରେ ତାଙ୍କୁ ହିଁ ସମର୍ଥନ ଦେବାକୁ ଗଛପତ୍ରରେ ପଡିଯିବା ଭଳି ଚରିତ୍ର ପ୍ରଦର୍ଶନ କଲା। ଅବଶ୍ୟ ଏହିଭଳି ଆଭିମୁଖ୍ୟ ଯେ କେବଳ ମେଘାଳୟ ରାଜ୍ୟ କିମ୍ବା ବିଜେପି ଦଳରେ ସୀମିତ ତାହା ନୁହେଁ। ଏହା ସର୍ବଭାରତୀୟ ସ୍ତରରେ ରାଜନୀତିର ଏକ ପଦାକୁ ଛିଟ୍‌କୁ ଥିବା ଲକ୍ଷଣରେ ପରିଣତ ହୋଇଯାଇଛି।

ତ୍ରିପୁରା ନିର୍ବାଚନ ଫଳାଫଳର ନିଷ୍କର୍ଷ ସାମାନ୍ୟ ଭିନ୍ନ। ସେଠି ବିଜେପି ଓ ତାହାର ସହଯୋଗୀ ଆଇପିଏଫଟି (ଇଣ୍ଡିଜିନଓ ପିପୁଲ୍ସ ଫ୍ରଣ୍ଟ ଅଫ୍ ତ୍ରିପୁରା) କ୍ଷମତାକୁ ପୁନର୍ବାର ଫେରିଛନ୍ତି ସତ, ମାତ୍ର ଆସନ ସଂଖ୍ୟା ଓ ଭୋଟ ପ୍ରତିଶତ ହ୍ରାସ ପାଇଛି। ଏହି ମେଣ୍ଟ ୨୦୧୮ ତୁଳନାରେ ୧୧ଟି ଆସନ କମ୍ ପାଇଛି। ଭୋଟ ପ୍ରତିଶତ ୪୪ରୁ ୩୯କୁ ଖସି ଆସିଛି। ଅଧିକ କ୍ଷତିଗ୍ରସ୍ତ ହୋଇଛି ଆଇପିଏଫଟି। ଏହାର ଆସନ ସଂଖ୍ୟା ୮ରୁ ୧କୁ ଖସି ଆସିଛି। ଏହି ରାଜ୍ୟ ନିର୍ବାଚନ ଫଳାଫଳର ଅନ୍ୟ ଏକ ଦିଗ ହେଲା ଆଞ୍ଚଳିକ ଦଳ ଭାବେ ଟିପ୍ରା-ମୋଥା ଅଭ୍ୟୁଦୟ ହେବା ଯାହା କି ପ୍ରଥମ ଥର ଲାଗି ନିର୍ବାଚନ ଲଢି ୧୩ ଆସନ ପାଇଛି। ଅପର ପଟେ କଂଗ୍ରେସ ଓ କମ୍ୟୁନିଷ୍ଟ ମେଣ୍ଟ ସତ୍ତ୍ୱେ  ଏହାର ଫଳାଫଳ ସେମାନଙ୍କ ଲାଗି ଫାଇଦା ଦାୟୀ ହୋଇନାହିଁ। ଅବଶ୍ୟ କଂଗ୍ରେସ ଗତ ବିଧାନସଭା ନିର୍ବାଚନରେ ମୂଳପୋଛ ହୋଇଥିବା ବେଳେ କମ୍ୟୁନିଷ୍ଟଙ୍କ ସହ ମେଣ୍ଟ କରି ଏଥର ଗୋଟିଏ ଆସନ ପାଇଛି। ଜାତୀୟ ଦଳ ଭାବେ କଂଗ୍ରେସର ବୁଡି ଯିବା ଗୋଡ ତଳକୁ ତଳକୁ ସ୍ଥିତିରେ କୌଣସି ପରିବର୍ତ୍ତନ ଘଟି ନାହିଁ  ଯଦିଓ ଅନ୍ୟ ରାଜ୍ୟରେ ସମକାଳୀନ ଭାବେ ଅନୁଷ୍ଠିତ ଉପନିର୍ବାଚନରେ କଂଗ୍ରେସକୁ ସାମାନ୍ୟ ଫାଇଦା ମିଳିଛି। ୫ଟି ରାଜ୍ୟର ୬ଟି ବିଧାନସଭା ଆସନ ଉପନିର୍ବାଚନରେ କଂଗ୍ରେସକୁ ୩ଟି ଆସନ ମିଳିଛି। ଆଲୋଚିତ ନିର୍ବାଚନ ଫଳର ଅନ୍ୟ ଏକ ଦିଗ ହେଲା ଯେ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମସି) ପଶ୍ଚିମବଙ୍ଗରେ ନିଜର ଲଗାତାର ରାଜନୈତିକ ସଫଳତାକୁ ଆଧାର କରି ପୂର୍ବୋତ୍ତର ରାଜ୍ୟଗୁଡିକରେ ନିଜ ଚେର ବିସ୍ତାର କରିବା ଲାଗି ଯେଉଁ ସ୍ୱପ୍ନ ଦେଖିଥିଲା, ତାହା ଫସର ଫାଟି ଯାଇଛି। ପଶ୍ଚିମବଙ୍ଗରେ ଗତ ଶତାବ୍ଦୀର ୭୦ ଦଶକରେ କମ୍ୟୁନିଷ୍ଟ ଦଳର ଶାସନ ଆରମ୍ଭ ପରେ ପଡୋଶୀ ରାଜ୍ୟ ତ୍ରିପୁରାରେ ବି ସେମାନଙ୍କ ପ୍ରାଧାନ୍ୟ ବଢିଥିଲା। କମ୍ୟୁନିଷ୍ଟଙ୍କୁ ହଟାଇ ତୃଣମୂଳ ପଶ୍ଚିମବଙ୍ଗରେ କ୍ଷମତା ହାସଲ କରିବା ପରେ ପୂର୍ବବତ୍ ତ୍ରିପୁରା ଭୋଟର ବି ଏହି ଦଳକୁ କୋଳେଇ ନେବେ ଓ ଇତିହାସ ଦୋହରିବ ବୋଲି ମନେ ମନେ ମୁଆଁ ଖାଇ ଥାଇ ପାରନ୍ତି। ଏଣୁ ତ ତ୍ରିପୁରାରେ ତୃଣମୂଳ ହାଇ ଭୋଲଟେଜ୍ ପ୍ରଚାର କରିଥିଲା। ମାତ୍ର ତୃଣମୂଳକୁ ପୂର୍ବୋତ୍ତର ରଜ୍ୟବାସୀମାନେ ସ୍ୱୀକାର କରି ନାହାନ୍ତି। ଫଳସ୍ୱରୂପ ଅରବିନ୍ଦ କେଜରିୱାଲଙ୍କ ଆମ୍ ଆଦ୍‌ମୀ  ପାଟି ଭଳି ଅଳ୍ପ ଦିନରେ ହିଁ ଟିଏମସିକୁ ଜାତୀୟ ପାର୍ଟିର ରୂପ ଦେବା ଲାଗି ଆଶାୟୀ ମମତା ନିରାଶ ହୋଇଛନ୍ତି।

**ସମ୍ପାଦକଙ୍କୁ ପତ୍ର ଓ ସମ୍ପାଦକୀୟ ପୃଷ୍ଠା**
**ଲାଗି ଲେଖା ପଠାଇବା  ଠିକଣା**
ଇମେଲ୍- aadharodisha8@gmail.com
**ଯୋଗାଯୋଗ**-ପ୍ଲଟ୍ ନମ୍ବର-ପି-୪୨, ଲେନ୍-୧, ଫେଜ୍-୧,
ଶ୍ରୀକ୍ଷେତ୍ର ବିହାର, ଆଇଗିଣିଆ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା

# 'ପଠାନ'ର ହଜାରେ କୋଟି ଆୟ

ଡକ୍ଟର ପ୍ରଦୀପ ମହାପାତ୍ର

ଶାହ ରୁଖ ଖାନ ଅଭିନୀତ 'ପଠାନ' ୨୫ ଜାନୁୟାରୀ ୨୦୨୩ରେ ମୁକ୍ତିଲାଭ କରିବା ପରେ ୨୧ ଫେବ୍ରୁଆରୀ ୨୦୨୩, ପ୍ରଥମ ମାସର ୨୭ ଦିନ ମଧ୍ୟରେ ପ୍ରେକ୍ଷାଳୟ ପ୍ରଦର୍ଶନ 'ବକ୍ସ ଅଫିସ'ରୁ ହଜାରେ କୋଟି ଟଙ୍କା ଆୟ ହିନ୍ଦି ଚଳଚିତ୍ର ଇତିହାସରେ ପ୍ରଥମ । 'ପଠାନ'ର ପ୍ରଯୋଜକ ୟଶ ରାଜ ଫିଲ୍ମସ୍ ପକ୍ଷରୁ ୨୧ ଫେବ୍ରୁଆରୀ୨୦୨୩ରେ ଜାରୀ କରାଯାଇଥିବା ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଥିଲା ଯେ ଚଳଚିତ୍ରଟି ମୁକ୍ତିଲାଭ କରିବା ପ୍ରଥମ ପର୍ଯ୍ୟାୟରେ ରାଷ୍ଟ୍ରବ୍ୟାପୀ ପ୍ରେକ୍ଷାଳୟ ପ୍ରଦର୍ଶନରୁ ୬୨୩ କୋଟି ଟଙ୍କା ଏବଂ ବୈଦେଶିକ ରାଷ୍ଟ୍ରଗୁଡ଼ିକରୁ ୩୭୭ କୋଟି ଟଙ୍କା ଆୟ ହିସାବ କରାଯାଇଛି । ଏହି ଘଟଣାକ୍ରମ ବଲିଉଡ଼ ଚଳଚିତ୍ର ଜଗତରେ ଆଲୋଡ଼ନ ସୃଷ୍ଟି କରିଥିଲା ।

କୁହାଯାଏ ଯେ ହିନ୍ଦି ଚଳଚିତ୍ର ଅମୀର ଖାନ ଅଭିନୀତ 'ଦଙ୍ଗଲ'ର ମୋଟ ଆୟ ୧,୯୭୦ କୋଟି ଟଙ୍କା ସର୍ବକାଳୀନ ରେକର୍ଡ଼ । ଏହାପରକୁ 'ବାହୁବଳୀ ୨-୧,୮୦୦ କୋଟି, 'କେଜିଏଫ୍ - ୨' -୧,୨୩୦ କୋଟି ଏବଂ 'ଆରଆରଆର' ୧,୨୦୬ କୋଟି ଟଙ୍କା ଆୟ କରିଥିଲା । ଏକ ହଜାର କୋଟିରୁ ଉର୍ଦ୍ଧ୍ୱ ଆୟ ତାଲିକାରେ 'ପଠାନ' ଯୋଗ ଦେଇଥିଲା । ଏକବିଂଶ ଶତାବ୍ଦୀ ଦ୍ୱିତୀୟ ଦଶକ ମଧ୍ୟ ଭାଗରୁ ଭାରତରେ ଡ଼ିଜିଟାଲ ମଞ୍ଚର ବିକାଶ ହିନ୍ଦି ଚଳଚିତ୍ର ବ୍ୟବସାୟରେ ବିଘଟନ ସୃଷ୍ଟି କରିଥିବା ସତ୍ତ୍ୱେ ବୃହତ ଚଳଚିତ୍ରଗୁଡ଼ିକର ରେକର୍ଡ ପରିମାଣ ଆୟ ନୂତନ ସମୀକରଣ ସୃଷ୍ଟି କରିଛି । ପ୍ରଶ୍ନ ଉଠେ, ଡ଼ିଜିଟାଲ ମଞ୍ଚ ଓ ସୋସିଆଲ ମିଡ଼ିଆର ପ୍ରସାର ଏକ ପକ୍ଷରେ ପାରମ୍ପରିକ ଚଳଚିତ୍ର ଶିଳ୍ପ ନିମନ୍ତେ ପ୍ରତିକୂଳ ପରିବେଶର କାରଣ ପାଲଟିଥିବା ସ୍ଥଳେ ଅପର ପକ୍ଷରେ ବୃହତ ଚଳଚିତ୍ରଗୁଡ଼ିକରେ ପ୍ରଚାର, ପ୍ରସାର ଓ ଦର୍ଶକବର୍ଗଙ୍କୁ ପ୍ରଭାବିତ କରିବାରେ ସହାୟକ ହେଉଛି କି ?

କେତେକ ଚଳଚିତ୍ର ସମୀକ୍ଷକ 'ପଠାନ' ଚଳଚିତ୍ର ଶୁଭମୁକ୍ତି ପୂର୍ବାବସ୍ଥା କିମ୍ବା ପରବସ୍ଥାରେ ପ୍ରଚାର ପ୍ରସାର ବାବଦରେ ଭିନ୍ନ ନୀତି ଅନୁସରଣ କରିଥିବା ସୂଚାଇଥାନ୍ତି । 'ପଠାନ' ଚଳଚିତ୍ର ନିର୍ମାଣରେ ୨୫୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ସ୍ଥଳେ ବଲିଉଡ଼ର ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ ବ୍ୟାପକ ପ୍ରଚାର ଓ ପ୍ରସାର ହେବା କଥା । କିନ୍ତୁ ସେ ସବୁ ଦେଖିବାକୁ ମିଳିନଥିଲା । ଚଳଚିତ୍ରର ନାୟକ ଶାହା ରୁଖ ଖାନଙ୍କ ବିଦଗ୍ଧ ଦର୍ଶକ ମଣ୍ଡଳୀ 'ଫ୍ୟାନ କ୍ଲବ'ଗୁଡ଼ିକ ମାଧ୍ୟମରେ ପ୍ରଚାର କାର୍ଯ୍ୟ ସମ୍ପନ୍ନ ହୋଇଥିଲା ।

ସାଧାରଣରେ ତାମିଲ ଓ ତେଲୁଗୁ ଭାଷାଭାଷୀ ଅଞ୍ଚଳରେ ଫ୍ୟାନ କ୍ଲବ ଧାରା ବହୁଳ ପ୍ରଚଳିତ । ବଲିଉଡ଼ ଚଳଚିତ୍ର ତାରକାଙ୍କ ଫ୍ୟାନକ୍ଲବ ସଂଖ୍ୟା ସୀମିତ । ତେବେ ଶାହ ରୁଖ ଖାନଙ୍କ ପ୍ରଶଂସକଙ୍କ ସଂଖ୍ୟା ବିଶ୍ୱବ୍ୟାପୀ ତିନି ଶହ ୫୦ କୋଟି ହିସାବ କରାଯାଇଥାଏ । 'ପଠାନ' ଚଳଚିତ୍ର ଶୁଭମୁକ୍ତି ପୂର୍ବରୁ ଦେଶବିଦେଶରେ ଶାହ ରୁଖ ଖାନ ଫ୍ୟାନ କ୍ଲବର ସଦସ୍ୟମାନେ ସକ୍ରିୟ ହୋଇଉଠିଥିଲେ । ପ୍ରଯୋଜକଙ୍କ ପକ୍ଷରୁ ସାମାନ୍ୟ ପ୍ରଚାର ସାମଗ୍ରୀ ପ୍ରତ୍ୟେକ କ୍ଲବ ନିକଟରେ ପହଞ୍ଚାଇ ଦିଆଯାଇଥିଲା । ଫ୍ୟାନମାନେ ମୁଖ୍ୟତଃ ସୋସିଆଲ ମିଡ଼ିଆରେ ନିଜ ବଂଧୁବର୍ଗଙ୍କ ମଧ୍ୟରେ 'ପଠାନ' ଚଳଚିତ୍ର ସପକ୍ଷରେ ଅଭିମତ, ସମୀକ୍ଷା ଓ ନିବେଦନ ପ୍ରସାରିତ କଲେ । ମୂଳସ୍ରୋତ ବିଜ୍ଞାପନ ଅଭିଯାନ ଆୟୋଜନଠାରୁ ସୋସିଆଲ ମିଡ଼ିଆ ଓ ବ୍ୟକ୍ତିଗତସ୍ତରରେ ପ୍ରଚାର ବ୍ୟାପକ ଓ ଶକ୍ତିଶାଳୀ ଅନୁଭୂତ ହୋଇଥିଲା ।

ପାରମ୍ପରିକ ଢ଼ାଞ୍ଚାରେ ଖ୍ୟାତନାମା ବୃତ୍ତିଧାରୀ ସାମ୍ବାଦିକମାନେ ଗଣମାଧ୍ୟମ ମଞ୍ଚଗୁଡ଼ିକରେ ଚଳଚିତ୍ର ସମୀକ୍ଷା ପ୍ରକାଶ କରିଥାନ୍ତି । ଏଥିରେ ପ୍ରାୟୋଜିତ ରଚନା ସଂଖ୍ୟା ଅଧିକ । ସାଧାରଣରେ ଦର୍ଶକମାନେ ଚଳଚିତ୍ର ସମୀକ୍ଷାଗୁଡ଼ିକ ତଥ୍ୟ ଆହରଣ ଭିନ୍ନ ଅଭିମତ ପ୍ରତି ଗୁରୁତ୍ୱ ଦେଇନଥାନ୍ତି । କିନ୍ତୁ ସୋସିଆଲ ମିଡ଼ିଆରେ କ୍ଷୁଦ୍ର ଗୋଷ୍ଠୀଗୁଡ଼ିକରେ ପ୍ରତ୍ୟେକ ବ୍ୟକ୍ତି ନିଜ ସ୍ୱାଧୀନ ମତ ପ୍ରକାଶ କରିବା କ୍ଷମତା ଅଧିକାରୀ ହୋଇଥିବା ହେତୁ ସମୀକ୍ଷାର ମାନ ଉନ୍ନତ ହୁଏ ଏବଂ ଗ୍ରହଣୀୟତା ବଢ଼େ । ସାଧାରଣ ପ୍ରଚାର ସତ୍ତ୍ୱେ 'ପଠାନ' ଶୁଭମୁକ୍ତି କରିବା ଆଗରୁ ୫୦ କୋଟି ଟଙ୍କାର ଅଗ୍ରୀମ ଟିକଟ ବିକ୍ରୀ ତଥା ଶୁଭମୁକ୍ତି ପରେ ପ୍ରଥମ ଛଅ ଦିନ ବକ୍ସ ଅଫିସ ଆୟ ପ୍ରତିଦିନ ଶହେ କୋଟି ଛୁଇଁବା ଏହାର ପ୍ରମାଣ ।

'ପଠାନ'ର ସଫଳତା ପଛରେ ଦେଶର ରୁଗଣ ଏକକ ରୂପେଲି ପରଦା 'ସିଙ୍ଗଲ ସ୍କିନ' ଚଳଚିତ୍ର ପ୍ରେକ୍ଷାଳୟଗୁଡ଼ିକ ପୁନଃ ସକ୍ରିୟ ହୋଇଥିବା ଅନ୍ୟ ଏକ କାରଣ ରୂପେ ଚିହ୍ନଟ କରାଯାଉଛି । କେତେକ ହିସାବ ଅନୁଯାୟୀ ୨୦୨୩ ସୁଦ୍ଧା ଭାରତରେ ୮,୭୦୦ ରୂପେଲି ପରଦା କାର୍ଯ୍ୟକ୍ଷମ ଥିବା ସ୍ଥଳେ ୫,୨୦୦ ଗୋଟି ଏକକ ରୂପେଲି ପରଦା ବିଶିଷ୍ଟ ପ୍ରେକ୍ଷାଳୟ ଅନ୍ତର୍ଗତ । ବିଭିନ୍ନ କାରଣରୁ ଏକକ ରୂପେଲି ପରଦା ବିଶିଷ୍ଟ ଚଳଚିତ୍ର ପ୍ରେକ୍ଷାଳୟଗୁଡ଼ିକ ଦୁର୍ଦ୍ଦଶାଗ୍ରସ୍ତ । ଏକ ବିଶିଷ୍ଟ କାରଣରେ ଏଥି ମଧ୍ୟରୁ ୨,୫୦୦ ରୁ ୩,୦୦୦ ଗୋଟିରେ ଟିକଟ ବିକ୍ରୀ କମ୍ପ୍ୟୁଟରକରଣ ନହୋଇଥିବା ହେତୁ ଚଳଚିତ୍ର ପ୍ରଦର୍ଶନ ଲାଗି ପ୍ରଯୋଜକ ଓ ବିତରକମାନେ ସର୍ବନିମ୍ନ ଆୟ 'ମିନିମମ ଗ୍ୟାରେଣ୍ଟି' ଦାବୀ କରିଥାନ୍ତି । ସାଧାରଣରେ ୮୦୦ ରୁ ହଜାରେ ସିଟ ବିଶିଷ୍ଟ ଏକକ ରୂପେଲି ପରଦା ବିଶିଷ୍ଟ ପ୍ରେକ୍ଷାଳୟଗୁଡ଼ିକ ସର୍ବନିମ୍ନ ଆୟ ଘୋଷଣା ପ୍ରତି ବିମୁଖ ହୋଇଥାନ୍ତି । ତେବେ ଶାହ ରୁଖ ଖାନଙ୍କ ଭଳି ପ୍ରତିଷ୍ଠିତ କଳାକାରଙ୍କ ଚଳଚିତ୍ର ଚାରି ବର୍ଷ ପରେ ପ୍ରଦର୍ଶିତ ହେଉଥିବା ହେତୁ ଏକକ ରୂପେଲି ପରଦା ବିଶିଷ୍ଟ ପ୍ରେକ୍ଷାଳୟଗୁଡ଼ିକରେ ଉନ୍ମାଦନା ଦେଖିବାକୁ ମିଳିଥିଲା । ଏକ ରିପୋର୍ଟ ଅନୁଯାୟୀ ମହାମାରୀ ପରଠାରୁ ବନ୍ଦ ଥିବା ଉତ୍ତର ପ୍ରଦେଶ, ମହାରାଷ୍ଟ୍ର, ରାଜସ୍ଥାନ ଓ ଛତିଶଗଡ଼ର ୨୫ ଗୋଟି ଏକକ ରୂପେଲି ପରଦା ବିଶିଷ୍ଟ ପ୍ରେକ୍ଷାଳୟ 'ପଠାନ' ଚଳଚିତ୍ର ପ୍ରଦର୍ଶନ ସହ ପୁଣି ଖୋଲିଥିଲା ।

'ପଠାନ'ର ବ୍ୟାବସାୟିକ ସଫଳତା ଓ ଦର୍ଶକଙ୍କ ଗ୍ରହଣୀୟତା ନିମନ୍ତେ ଚଳଚିତ୍ର ପ୍ରଯୋଜନାରେ ଅତ୍ୟାଧୁନିକ ବୈଷୟିକ କୌଶଳ ବ୍ୟବହାରକୁ ମଧ୍ୟ ଶ୍ରେୟ ଦିଆଯାଏ । ଏହି କାରଣରୁ ଚଳଚିତ୍ରର ପ୍ରଦର୍ଶନଗତ ଗୁଣବତ୍ତା ବୃଦ୍ଧି ପାଇଥିବା ସୁସ୍ପଷ୍ଟ । ସିଦ୍ଧାର୍ଥ ଆନନ୍ଦ ନିର୍ଦ୍ଦେଶିତ 'ପଠାନ'ରେ ଶାହରୁଖ ଖାନ, ଦୀପିକା ପାଦୁକୋନ , ଜନ ଆବ୍ରାହମଙ୍କ ସହ ଅତିଥି କଳାକାରଭାବେ ସଲମନ ଖାନ ଅଭିନୟ କରିଥିଲେ । ଭାରତୀୟ ଚଳଚିତ୍ର ଶିଳ୍ପରେ ବାର୍ଷିକ ୧୯,୧୦୦ କୋଟି ଟଙ୍କା ବ୍ୟବସାୟ ହୁଏ । ଏଥି ମଧ୍ୟରୁ ଅର୍ଦ୍ଧେକ ହିନ୍ଦି ଚଳଚିତ୍ର ଭରଣା କରିଥାଏ । ସର୍ବାଧିକ ଆୟରେ ରେକର୍ଡ କରିଥିବା 'ଦଙ୍ଗଲ'ର ବକ୍ସ ଅଫିସ ଆୟ ପ୍ରଦର୍ଶନର ପ୍ରଥମ ପର୍ଯ୍ୟାୟରେ ୭୦୦ କୋଟି ଟଙ୍କା ଥିବା ସ୍ଥଳେ 'ପଠାନ' ହଜାରେ କୋଟି ସୀମା ଛୁଇଁଥିବା ବଲିଉଡ଼ରେ ସକାରାତ୍ମକ ପରିବେଶ ସୃଷ୍ଟି କରିବା ସ୍ୱାଭାବିକ । ତେବେ ବୃହତ ଚଳଚିତ୍ର ପ୍ରଦର୍ଶନରେ ବର୍ଦ୍ଧିତ ଆୟ ହିନ୍ଦି ଚଳଚିତ୍ର ଶିଳ୍ପକୁ ସାମଗ୍ରୀକଭାବେ ବଞ୍ଚାଇ ରଖିବାରେ କେତେଦୂର ସହାୟକ ହେବ ତାହା ଏକ ପ୍ରଶ୍ନବାଚୀ । କାରଣ ବର୍ଷରେ ପାଞ୍ଚ-ସାତ ଗୋଟି ହିଟ ଚଳଚିତ୍ରକୁ ପାଥେୟ କରି ଅନ୍ତତଃପକ୍ଷେ ୫,୨୦୦ ଏକକ ରୂପେଲି ପରଦା ବିଶିଷ୍ଟ ପ୍ରେକ୍ଷାଳୟ ଚଳାଇବା ସଂଭବ ନୁହେଁ । ମଲଟିପ୍ଲକ୍ସଗୁଡ଼ିକରେ ତିନିରୁ ଛଅ ଯାଏଁ ରୂପେଲି ପରଦା ଓ ପ୍ରତ୍ୟେକ ପରଦା ପାଇଁ ୧୦୦ ରୁ ୪୦୦ ସିଟର ଗଣିତ ୮୦୦ ରୁ ୧୦୦୦ ସିଟ ବିଶିଷ୍ଟ ଏକକ ରୂପେଲି ପରଦା କ୍ଷେତ୍ରରେ ବ୍ୟାବସାୟିକ ସଫଳତାରେ ସହାୟକ ହେବା ଅନିଶ୍ଚିତ ।

# ଅଷ୍ଟମ ମହାବିଦ୍ୟା ଦେବୀ ବଗଳାମୁଖୀ

ଦକ୍ଷ ପ୍ରଜାପତି ଏକ ମହାଯଜ୍ଞର ଆୟୋଜନ କଲେ । ଏହି ଯଜ୍ଞକୁ ଯିବା ନିମନ୍ତେ ଦେବୀ ସତୀ ନିମନ୍ତ୍ରଣ ପାଇ ନ ଥିଲେ । କିନ୍ତୁ ସେଠାକୁ ଯିବା ଲାଗି ଦେବୀ ଇଚ୍ଛା ପ୍ରକଟ କଲେ । ମାତ୍ର ଦେବ ଦେବ ମହାଦେବ ଦେବୀ ସତୀଙ୍କୁ ପିତ୍ରାଳାୟ ଯିବା ନିମନ୍ତେ ବାରଣ କଲେ । ଶିବଙ୍କ ବାରଣ ସତ୍ତ୍ୱେ ସତୀଙ୍କର ଜିଦ୍ ବଢ଼ିଲା । ସତୀ ଶିବଙ୍କୁ ପ୍ରଭାବିତ କରିବା ପାଇଁ ଶିବଙ୍କ ଚାରିପାଖେ ବୁଲି ବୁଲି ଦଶବିଧ ରୂପ ପ୍ରକଟିତ କଲେ । ସେଇ ଦଶରୂପ ପରବର୍ତ୍ତୀ କାଳରେ ଦଶମହାବିଦ୍ୟା ନାମରେ ନାମିତ ହେଲେ । ସେହି ଦଶମହାବିଦ୍ୟା ହେଉଛନ୍ତି କାଳୀ, ତାରା, ଷୋଡ଼ଶୀ, ଭୁବନେଶ୍ୱରୀ, ଭୈରବୀ, ଛିନ୍ନମସ୍ତା, ଧୂମାବତୀ, ବଗଳାମୁଖୀ, ମାତଙ୍ଗୀ ଏବଂ କମଳା । ଏହି କ୍ରମରେ ଦେବୀ ବଗଳାମୁଖୀ ହେଉଛନ୍ତି ଅଷ୍ଟମ ମହାବିଦ୍ୟା ।

ଦେବୀ ବଗଳାମୁଖୀଙ୍କଠାରେ କାଳୀ, ତାରା, ଷୋଡ଼ଶୀଙ୍କ ଶକ୍ତି ଏକୀଭୂତ ହୋଇଛି । ମା' ବଗଳାମୁଖୀ ବୈଶାଖ ଶୁକ୍ଳ ପକ୍ଷ ଅଷ୍ଟମ ତିଥି ଏବଂ ରବି ପୁଷ୍ୟ ଗ୍ରହ ଯୋଗରେ ଅବତାର ଗ୍ରହଣ କରିଥିଲେ । ଏହି ଯୋଗରେ ମାତାଙ୍କ ଆରାଧନା ବିଶେଷ ଫଳ ପ୍ରଦାନ କରିଥାଏ । ପୀତାମ୍ବରା, ବାବଳା, ବଗଳାମୁଖ, ବ୍ରହ୍ମାସ୍ତ୍ର ବିଦ୍ୟା ଆଦି ଦେବୀଙ୍କ ଅନ୍ୟନାମ । ଦେବୀ ବଗଳାମୁଖୀ ହେଉଛନ୍ତି ପୀତବର୍ଣ୍ଣ, ତ୍ରିନୟନା, କମଳ ଆସନରେ ଉପବିଷ୍ଟା । ଲଲାଟରେ ଅର୍ଦ୍ଧଚନ୍ଦ୍ର । ଦେବୀ ଗମ୍ଭୀରା, ତପ୍ତକାଞ୍ଚନ ଭଳି ତାଙ୍କର ବର୍ଣ୍ଣ । ଦେବୀଙ୍କ ଆରାଧନା ଦ୍ୱାରା ସକଳ କଷ୍ଟ ନିବାରଣ ହୋଇଥାଏ । ଦେବୀ ବଳଗାମୁଖୀଙ୍କ ସ୍ୱରୂପ ସର୍ବଦା ଅତି ସୌମ୍ୟତା ଓ ଶାନ୍ତି ରେ ପରିପୂର୍ଣ୍ଣ ରହିଥାଏ । କୁବ୍ଜିକା ତନ୍ତ୍ର ଅନୁଯାୟୀ, ସତ୍ୟଯୁଗରେ ଏକ ପ୍ରଳୟଙ୍କରୀ ଝଡ଼ ସମଗ୍ର ସଂସାରକୁ ଧ୍ୱଂସ କରିବା ପାଇଁ ଆଗେଇ ଚାଲିଥିଲା । ଏହି ଝଡ଼ରେ ପ୍ରାଣୀଜଗତର ବିନାଶ ହେବାର ଆଶଙ୍କା ସୃଷ୍ଟି ହେଲେ । ସମସ୍ତ ପ୍ରାଣୀଜଗତର ସଙ୍କଟ ଦେଖୀ ଶ୍ରୀବିଷ୍ଣୁ ବିଚଳିତ ହୋଇ ଭଗବାନ ଶିବଙ୍କ ଆରାଧନା କଲେ । ଶିବ କହିଲେ, କେବଳ ଦେବୀ ଶକ୍ତି ହିଁ ଏଭଳି ପ୍ରଳୟରୁ ସଂସାରକୁ ରକ୍ଷା କରିପାରିବେ । ଭଗବାନ ବିଷ୍ଣୁ ତପସ୍ୟା କରି 'ମହାତ୍ରିପୁରସୁନ୍ଦରୀ'ଙ୍କୁ ପ୍ରସନ୍ନ କଲେ । ଏହାପରେ ହରିଦ୍ରା ଜଳାଶୟ ନିକଟରେ ମାତା ବଗଳାମୁଖୀ ଅବତାର ଧାରଣ କଲେ । ଦେବୀ ନିଜର ଶକ୍ତିବଳରେ ଭୟଙ୍କର ଝଡ଼ର ସାମ୍ନା କରି ସୃଷ୍ଟିର ବିନାଶକୁ ଏଡ଼ାଇ ଦେଇଥିଲେ । ଆଦିଶକ୍ତି ବୈଶାଖ ଚତୁର୍ଦ୍ଦଶୀ ରାତ୍ରରେ ବଗଳାମୁଖୀ ରୂପରେ ଅବତରଣ ହୋଇଥିଲେ ।

ବଗଳାମୁଖୀଙ୍କୁ ବୀରରତି ବୋଲି ମଧ୍ୟ କୁହାଯାଏ । କାରଣ ଦେବୀ ସ୍ୱୟଂ ବ୍ରହ୍ମଚାରିଣୀ ଅଟନ୍ତି । ବ୍ୟାଧି ରୂପରେ ଶତ୍ରୁଙ୍କ ସଂହାର କରିବାର ଇଚ୍ଛା ରଖୁଥିବା ଓ ସମଷ୍ଟି ରୂପରେ ପରମାତ୍ମାଙ୍କ ସଂହାର ରୂପ ହେଉଛନ୍ତି ମା' ବଗଳାମୁଖୀ । ହରିଦ୍ରା ସରୋବାରୁ ଅବତରଣ ହୋଇଥିବାରୁ ମା' ବଗଳାମୁଖୀଙ୍କ ବସ୍ତ୍ର ଏବଂ ପୂଜନ ସାମଗ୍ରୀ ସବୁ ହଳଦିଆ ରଙ୍ଗର ହୋଇଥାଏ । ବଗଳାମୁଖୀଙ୍କ ମନ୍ତ୍ର ଜପ କରିବା ପାଇଁ ମଧ୍ୟ ହଳଦୀ ମାଳା ଆବଶ୍ୟକ ହୋଇଥାଏ । ମା'ବଗଳାମୁଖୀଙ୍କ ସାଧନା ଦ୍ୱାରା ଇହଜନ୍ମ ଓ ପରଜନ୍ମ କୃତ ପାପ ନାଶ ହେଇଥାଏ ।

# ପ୍ରସୂତୀ ମୃତ୍ୟୁହାର ଏବେ ବି ଅଧିକ

ଭୁବନେଶ୍ୱର: ପ୍ରସୂତୀ ମୃତ୍ୟୁହାର କ୍ଷେତ୍ରରେ ଓଡିଶା ଏବେ ବି ଜାତୀୟ ହାର ଠାରୁ ଅଧିକ ରହିଛି । ସେହିଭଳି ଶିଶୁମୃତ୍ୟୁ କ୍ଷେତ୍ରରେ ବି ଓଡିଶା ଆଗରେ ଅଛି । ବିଧାନସଭାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଦେଇଥିବା ଉତ୍ତରରୁ ଏହା ଜଣାଯାଇଛି । ବିଜେଡି ବିଧାୟକ ଧ୍ରୁବ ଚରଣ ସାହୁଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ୨୦୦୩ ମସିହାରେ ଓଡିଶାରେ ପ୍ରତି ଏକ ଲକ୍ଷ ପ୍ରସୂତୀଙ୍କ ମଧ୍ୟରୁ ୩୫୮ଜଣ ମୃତ୍ୟୁବରଣ କରୁଥିବାବେଳେ ସେତେବେଳେ ଦେଶରେ ଏହି ମୃତ୍ୟୁସଂଖ୍ୟା ୩୦୧ ରହିଥିଲା । ତେବେ ପ୍ରସୂତୀ ମୃତ୍ୟୁହାର ହ୍ରାସ ପାଇ ୨୦୨୦ ମସିହାରେ ଓଡିଶାରେ ୧୧୯ରେ ପହଞ୍ଚିଥିବାବେଳେ ଜାତୀୟ ସ୍ତରରେ ଏହା ଶହେ ତଳକୁ ଆସି ୯୭ରେ ପହଞ୍ଚିଛି ।



ଅନୁରୂପ ଭାବେ ରାଜ୍ୟରେ ଶିଶୁମୃତ୍ୟୁ ହାର ମଧ ଜାତୀୟ ହାର ଠାରୁ ଅଧିକ ରହିଛି । ୨୦୦୮ ମସିହାରେ ଓଡିଶାରେ ପ୍ରତି ହଜାରେ ନବଜାତକଙ୍କ ମଧ୍ୟରୁ ୮୯ ଜଣ ମୃତ୍ୟୁବରଣ କରୁଥିବାବେଳେ ଜାତୀୟ ସ୍ତରରେ ଏହି ହାର ୬୯ ରହିଥିଲା । ଏହାପରେ ଉଭୟ ରାଜ୍ୟ ଓ ଜାତୀୟ ସ୍ତରରେ ଏହା ହ୍ରାସ ପାଇ ୨୦୧୬ରେ ଏହା ଯଥାକ୍ରମେ ୫୦ ଓ ୩୬ ରହିଥିଲା । ତେବେ ୨୦୨୦ରେ ଓଡିଶାରେ ନବଜାତକଙ୍କ ମୃତ୍ୟୁହାର ପ୍ରତି ହଜାରରେ ୩୯ ରହିଥିବାବେଳେ ଦେଶରେ ଏହା ୩୨ ରହିଛି ।

ତେବେ ମାତୃ ମୃତ୍ୟୁହାର ସୂଚନା ଅନୁଯାୟୀ ଏ କ୍ଷେତ୍ରରେ ଓଡିଶା ଦେଶରେ ପଞ୍ଚମ ସ୍ଥାନରେ ରହିଛି । ପ୍ରଥମ ସ୍ଥାନରେ ଆସାମ ରହିଛି । ସେଠାରେ ପ୍ରତି ଏକ ଲକ୍ଷ ପ୍ରସୂତୀଙ୍କମଧ୍ୟରୁ ୧୯୫ ଜଣ ମୃତ୍ୟୁବରଣ କରୁଥିବାବେଳେ ମଧ୍ୟପ୍ରଦେଶ ଓ ଛତିଶଗଡରେ ଏହି ହାର ୧୭୩, ଉତ୍ତରପ୍ରଦେଶ ଓ ଉତ୍ତରାଖଣ୍ଡରେ ୧୬୭, ଛତିଶଗଡରେ ୧୩୭ ଥିବାବେଳେ ଏହା ପଛକୁ ଓଡିଶାରେ ଏହା ୧୧୯ ରହିଛି । ତେବେ କେରଳରେ ଏହା ସର୍ବନିମ୍ନ ୧୯ ରହିଥିବାବେଳେ ମହାରାଷ୍ଟ୍ରରେ ୩୩, ତେଲେଙ୍ଗାନାରେ ୪୩, ଆନ୍ଧ୍ରପ୍ରଦେଶରେ ୪୫, ତାମିଲନାଡୁରେ ୫୪, ଝାଡଖଣ୍ଡରେ ୫୬, ଗୁଜୁରାଟରେ ୫୭, କର୍ଣ୍ଣାଟକରେ ୬୯ ରହିଛି ।

ସେହିଭଳି ଶିଶୁ ମୃତ୍ୟୁହାର କ୍ଷେତ୍ରରେ ଓଡିଶାର ସ୍ଥାନ ଦେଶରେ ଷଷ୍ଠ ସ୍ଥାନରେ ରହିଛି । ମଧ୍ୟପ୍ରଦେଶରେ ପ୍ରତି ହଜାରରେ ସର୍ବାଧିକ ୫୧ ଜଣ ନବଜାତକ ମୃତ୍ୟୁବରଣ କରିଥିବାବେଳେ ଉତ୍ତରରେ ଏହା ୪୩, ଛତିଶଗଡରେ ୪୧, ରାଜସ୍ଥାନ ଓ ଆସାମରେ ୪୦ କରି ଏବଂ ଏହା ପଛକୁ ଓଡିଶାରେ ଏହା ୩୯ ରହିଛି । ତେବେ କେରଳରେ ଶିଶୁ ମୃତ୍ୟୁହାର ସବୁଠାରୁ କମ୍ ୮ ରହିଥିବାବେଳେ ତାମିଲନାଡୁରେ ୧୩, ଦିଲ୍ଲୀରେ ୧୪, ଜାମ୍ମୁ କାଶ୍ମୀରରେ ୧୭, ମହାରାଷ୍ଟ୍ରରେ ୧୮, କର୍ଣ୍ଣାଟକରେ ୨୧, ପଞ୍ଜାବରେ ୨୨ ଓ ପଡୋଶୀ ପଶ୍ଚିମବଙ୍ଗରେ ଏହା ୨୨ ରହିଛି । ସର୍ବଭାରତୀୟ ସ୍ତରରେ ଏହି ହାର ୩୨ ରହିଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରାଯାଇଛି ।

# ତିନି ବର୍ଷରେ ମଲେଣି ୨୪୫ ହାତୀ

ଭୁବନେଶ୍ୱର: ଗତ ତିନି ବର୍ଷ ମଧ୍ୟରେ ରାଜ୍ୟରେ ୨୪୫ଟି ହାତୀ ମଲେଣି । ଏମାନଙ୍କ ମଧ୍ୟରୁ ଶିକାରୀଙ୍କ ହାତରେ ୬ଟି ହାତୀ ମରିଛନ୍ତି । ବିଧାନସଭାରେ ବିଜେଡି ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ । ମନ୍ତ୍ରୀ ଅମାତ ଦର୍ଶାଇଛନ୍ତି ଯେ ଗତ ତିନି ବର୍ଷ ଅର୍ଥାତ୍ ୨୦୧୯-୨୦ ରୁ ୨୦୨୧-୨୨ ମଧ୍ୟରେ ରାଜ୍ୟରେ ୨୪୫ଟି ହାତୀ ମରିଛନ୍ତି । ଏଥି ମଧ୍ୟରୁ ୬ଟି ହାତୀଙ୍କର ଶିକାର ହୋଇଛି । ଏହି ସମୟରେ ହାତୀ ଶିକାର ଓ



ଦାନ୍ତ ଚାଲାଣ ଏବଂ ବାଘ ଦେବାବଶେଷ ଚୋରା ଚାଲାଣ ଅଭିଯୋଗରେ ୪୭ଜଣ ଗିରଫ ହୋଇଛନ୍ତି ।

ସେମାନଙ୍କ ଠାରୁ ୩୯ଟି ହାତୀ ଦାନ୍ତ, ଗୋଟିଏ ବାଘ ଛାଲ ଏବଂ ୯ଟି ବାଘ ନଖ ଜବତ ହୋଇଛି । ଏଥି ମଧ୍ୟରୁ କେନ୍ଦୁଝର ବନ୍ୟପ୍ରାଣୀ ଡିଭିଜନରୁ ସର୍ବାଧିକ ୧୬ ହାତୀ ଦନ୍ତ ଜବତ ହୋଇଥିବାବେଳେ ମୟୂରଭଞ୍ଜରୁ ୧୨ଟି, ବାଲେଶ୍ୱରରୁ ୪ଟି, ଅନୁଗୁଳ, ଦେବଗଡ ଓ ସୁବର୍ଣ୍ଣପୁର ଡିଭିଜନରୁ ୨ଟି କରି ଏବଂ କଟକର ଆଠଗଡ ଡିଭିଜନରୁ ଗୋଟିଏ ହାତୀଦାନ୍ତ ଜବତ ହୋଇଛି ।

ସେହିଭଳି କଳାହାଣ୍ଡି ଉତ୍ତର ଡିଜିଜନରୁ ଗୋଟିଏ ବାଘ ଛାଲ ସହିତ ୯ଟି ବାଘଦାନ୍ତ ଜବତ ହୋଇଥିବାବେଳେ ଗିରଫ ହୋଇଥିବା ଶିକାରୀଙ୍କ ମଧ୍ୟରୁ ବାଲେଶ୍ୱରରୁ ସର୍ବାଧିକ ୮ଜଣ, ମୟୁରଭଞ୍ଜରୁ ୭ଜଣ, ସୁବର୍ଣ୍ଣପୁରରୁ ୬ଜଣ, କେନ୍ଦୁଝରରୁ ୫ଜଣ, ବୌଦରୁ ୪ଜଣ, କଳାହାଣ୍ଡି ଉତ୍ତର, ଅନୁଗୁଳ ଓ ଦେବଗଡ ବନ୍ୟପ୍ରାଣୀ ଡିଭିଜନରୁ ୩ଜଣ କରି ଏବଂ କଟକ, ଆଠଗଡ ଓ କଳାହାଣ୍ଡି ଦକ୍ଷିଣ ଡିଭିଜନରୁ ୨ଜଣ କରି ଗିରଫ ହୋଇଛନ୍ତି ।

# ପାଣିରେ ୭୧୯୨ କୋଟି

ଭୁବନେଶ୍ୱର: ଓଡ଼ିଶା ରାଜ୍ୟ ଅର୍ଥ ନିଗମର ୭୧୯୨ କୋଟି ଟଙ୍କା ପାଣିରେ ପଡ଼ିଛି । ଋଣ ନେଇଥିବା ସଂସ୍ଥା ଓ ବ୍ୟକ୍ତିଙ୍କଠାରୁ ସେହି ଟଙ୍କା ଦୀର୍ଘବର୍ଷ ହେବ ଆଦାୟ ହୋଇପାରୁ ନାହିଁ । ନିଗମ ପକ୍ଷରୁ ବାରମ୍ବାର ନୋଟିସ୍ ପଠାଗଲେ ମଧ ତାହାର କୌଣସି ଜବାବ ମିଳୁନାହିଁ । ଯେଉଁମାନେ କୌଣସି ପ୍ରକାର ସହଯୋଗ କରୁନାହାନ୍ତି ସେମାନଙ୍କ ସମ୍ପତ୍ତିକୁ ଜବତ କରିବା ପାଇଁ ନିଗମ ପକ୍ଷରୁ ପଦକ୍ଷେପ ନିଆଯାଉଛି । ବିଜେଡି ବିଧାୟକ ପ୍ରଶାନ୍ତ ବେହେରାଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ବିଧାନସଭାରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଏହି ସୂଚନା ଦେଇଛନ୍ତି । ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ଅର୍ଥ ନିଗମରୁ ୮୧୮୫ ଜଣ ଋଣ ନେଇଛନ୍ତି । ମୂଳ ବାବଦକୁ ୨୫୧ କୋଟି ଓ ସୁଧ ବାବଦକୁ ୭୧୯୨ କୋଟି ଟଙ୍କା ସେମାନଙ୍କ ଉପରେ ପଡ଼ିଛି । ଋଣଗ୍ରହୀତାମାନଙ୍କୁ ବାରମ୍ବାର ପରିଶୋଧ ପାଇଁ ନୋଟିସ କରାଯାଉଛି । ୱାନ୍ ଟାଇମ୍ ସେଟଲମେଣ୍ଟ(ଓଟିଏସ୍) ଜରିଆରେ ପଇଠ କରିବାକୁ ପ୍ରବର୍ତ୍ତା ଯାଉଛି । ଯେଉଁମାନେ କୌଣସି ସହଯୋଗ କରୁନାହାନ୍ତି ସେମାନଙ୍କ ସମ୍ପତ୍ତି ଜବତ କରିବାକୁ ପଦକ୍ଷେପ ନିଆଯାଉଛି । ୨୦୨୨ ଡିସେମ୍ବର ୩୧ ସୁଦ୍ଧା ଭୁବନେଶ୍ୱର, କଟକ, ପାରାଦୀପ, ସମ୍ବଲପୁର ଅଞ୍ଚଳର ୩୭୦ଟି ଶିଳ୍ପାନୁଷ୍ଠାନ ଓ ଅନ୍ୟାନ୍ୟ ବନ୍ଧକ ସମ୍ପତ୍ତି ଜବତ କରାଯାଇଛି । କେତେକ କ୍ଷେତ୍ରରେ ମକଦ୍ଦମା ଅଦାଲତର ବିଚାରାଧୀନ ଥିବାରୁ ଏବଂ ଜମିଜମା ରେକର୍ଡ ବିବାଦୀୟ ହୋଇଥିବାରୁ ସମ୍ପତ୍ତି ନିଲାମ କରିବାରେ ବାଧା ସୃଷ୍ଟି ହେଉଛି ବୋଲି ମନ୍ତ୍ରୀ କହିଛନ୍ତି ।

# ନିର୍ମାଣ ହୋଇଛି ୧୬୫୭୨ଟି ବିପର୍ଯ୍ୟୟ ପ୍ରତିରୋଧକ ବାସଗୃହ

ଭୁବନେଶ୍ୱର: ଓଡ଼ିଶା ବିପର୍ଯ୍ୟୟ ପୁନରୁଦ୍ଧାର ପ୍ରକଳ୍ପ(ଓଡିଆରପି) ପ୍ରକଳ୍ପ ଜରିଆରେ ଫାଇଲିନ୍ ବାତ୍ୟାରେ ଗଞ୍ଜାମ, ପୁରୀ ଓ ଚିଲିକା ସନ୍ନିକଟ ଖୋର୍ଦ୍ଧା ଜିଲ୍ଲା ସମୁଦ୍ର ଉପକୂଳଠାରୁ ୫ କି.ମି ଅଞ୍ଚଳରେ ବିପର୍ଯ୍ୟୟ ପ୍ରତିରୋଧକ ବାସଗୃହ ନିର୍ମାଣ କରାଯାଇଛି । ବିପଦସଙ୍କୁଳ ଅବସ୍ଥାରେ ବସବାସ କରୁଥିବା ପରିବାରଙ୍କ ପାଇଁ ୧୬୫୭୨ଟି ଏଭଳି ବାସଗୃହ ନିର୍ମାଣ କରାଯାଇଥିବା ସୂଚନା ଦେଇଛନ୍ତି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ ଅମାତ । ଶ୍ରୀ ଅମାତ କହିଛନ୍ତି ଯେ ୧୯୯୯ ମସିହାରୁ ୨୦୨୧ ମସିହା ମଧ୍ୟରେ ଓଡ଼ିଶାକୁ ୧୧ଟି ବାତ୍ୟା ଅନୁଭୂତ ହୋଇଛି । ରାଜ୍ୟରେ ବିପର୍ଯ୍ୟୟ ମୁକାବିଲା ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ ଅନୁଯାୟୀ ବିପର୍ଯ୍ୟୟ ପରିଚାଳନା ପାଇଁ ଜିଲ୍ଲା ଓ ବିଭାଗମାନେ ସେମାନଙ୍କର ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତ କରିଛନ୍ତି । ରାଜ୍ୟରେ ପ୍ରାୟ ୮୮୦ଟି ବହୁମୁଖୀ ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଛି । ବାତ୍ୟା ବିପର୍ଯ୍ୟୟ ମୁକାବିଲା କରିବା ପାଇଁ ଜନସାଧାରଣ ଓ ଗ୍ରାମୀଣ ସ୍ୱେଚ୍ଛାସେବୀମାନଙ୍କୁ ପ୍ରଶିକ୍ଷଣ ଦେବା ସହ ଲୋକମାନଙ୍କୁ ସଚେତନ କରାଯାଉଛି । ବାତ୍ୟା ସଂପର୍କରେ ଆଗୁଆ ସୂଚନା ପାଇଁ ୨୪ଘଣ୍ଟିଆ ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ କରାଯିବା ସହିତ ଅତ୍ୟାବଶ୍ୟକ ଯନ୍ତ୍ରପାତି ସହ ଦୃଢ଼ୀକରଣ କରାଯାଇଛି । ସମୁଦ୍ର ତଟବର୍ତ୍ତୀ ଅଞ୍ଚଳର ଜନସାଧାରଣଙ୍କୁ ବାତ୍ୟା ଓ ସୁନାମିର ଆଗୁଆ ସୂଚନା ଦେବା ପାଇଁ ରାଜ୍ୟର ୬ଟି ସମୁଦ୍ର ଉପକୂଳବର୍ତ୍ତୀ ଜିଲ୍ଲାର ୨୨ଟି ବ୍ଲକ ଅଧୀନ ୧୨୨ଟି ସ୍ଥାନରେ ଆଗୁଆ ସଚେତନ ବିସ୍ତାର ପ୍ରଣାଳୀ(ଇଡବ୍ଲୁଡିଏସ୍) ଆଲର୍ଟ ସାଇନର ଟାୱାର, ଜାତୀୟ ବାତ୍ୟା ବିପଦ ମୁକାବିଲା କାର୍ଯ୍ୟକ୍ରମ(ଏନ୍ସିଆରଏମ୍ପି) ପ୍ରକଳ୍ପ ଜରିଆରେ ନିର୍ମାଣ କରାଯାଇଛି । ପାଣିପାଗ ବିଭାଗରୁ ପ୍ରାପ୍ତ ସୂଚନା ଭିତ୍ତିରେ ଲୋକେସନ୍ ବେସ୍ଡ ଆଲର୍ଟ ସିଷ୍ଟମ(ଏଲବିଏଏସ୍) ଜରିଆରେ ବାତ୍ୟା/ବନ୍ୟା ପ୍ରଭାବିତ ଅଞ୍ଚଳରେ ଲୋକମାନଙ୍କୁ ମେସେଜ୍ ଯୋଗେ ପୂର୍ବ ସତର୍କ ସୂଚନା ଦିଆଯାଉଛି । ରାଜ୍ୟରେ ୨୦ଟି ଓଡ୍ରାଫ୍ ଟିମ୍, ମୁଣ୍ଡଳୀଠାରେ ଅବସ୍ଥିତ ଏନ୍‌ଡିଆରଏଫ୍ ଓ ୩୪୩ଟି ଅଗ୍ନିଶମ ବାହିନୀ ସହିତ ଯୋଗାଯୋଗ କରାଯାଇଛି ବାତ୍ୟା/ବନ୍ୟା ଜନିତ ଉଦ୍ଧାର କାର୍ଯ୍ୟ ସମ୍ପାଦନ କରାଯାଉଛି । ରାଜ୍ୟର ୪୮୦ କି.ମି ଲମ୍ବର ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ ମୁଖ୍ୟତଃ ଦୁର୍ବିପାକ ପ୍ରବଣ । ଏହାର ମୁକାବିଲା ପାଇଁ ରାଜ୍ୟ ସରକାର ଜଙ୍ଗଲ ବିଭାଗ ଅଧୀନରେ ବିସ୍ତୃତ ତଟବର୍ତ୍ତୀ ଅଞ୍ଚଳରେ ହେନ୍ତାଳ ବଣର ସୁରକ୍ଷା ସହ ନୂତନ ହେନ୍ତାଳ ବଣର ସୃଷ୍ଟି ଓ ଏହାର ରକ୍ଷଣାବେକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉଛି ।

# ରାଜ୍ୟରେ ୨୮୦୭୪ଟି ପୋଲିସ୍ ପଦବି ଖାଲି

ଭୁବନେଶ୍ୱର: ରାଜ୍ୟରେ ୨୮୦୭୪ଟି ପୋଲିସ୍ ପଦବି ଖାଲି ପଡ଼ିଛି । ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହା କହିଛନ୍ତି ଗୃହ ରାଷ୍ଟ୍ର ମନ୍ତ୍ରୀ ତୁଷାରକାନ୍ତି ବେହେରା । ସେ କହିଛନ୍ତି, ପାଞ୍ଚଟି



ବର୍ଗର ମଞ୍ଜୁରିପ୍ରାପ୍ତ ୧୩୯୩୮୪ ରୁ ୨୮୦୭୪ଟି ପଦବି ଖାଲି ପଡ଼ିଛି । 'କ' ବର୍ଗରେ ୧୦୩୯ ମଞ୍ଜୁରିପ୍ରାପ୍ତ ପଦବି ଭିତରୁ ୨୯୭ଟି, 'ଖ' ବର୍ଗରେ ୬୪୫୪ ମଧ୍ୟରୁ ୨୧୨୦, 'ଗ' ବର୍ଗରେ ୬୨୧୯୯ ଭିତରୁ ୧୧୬୨୦ ଓ 'ଘ' ବର୍ଗରେ ୬୯୬୯୨ ମଧ୍ୟରୁ ୧୪୦୩୭ଟି ପୁଲିସ ପଦବି ଖାଲି ରହିଛି । ଏହାଛଡ଼ା ମନ୍ତ୍ରୀ କହିଛନ୍ତି, କାର୍ଯ୍ୟରତ ପୋଲିସ୍ କର୍ମଚାରୀଙ୍କ ମଧ୍ୟରୁ କେତେଜଣ ପରିବହନ ବିଭାଗ ସମେତ ଅନ୍ୟାନ୍ୟ ବିଭାଗକୁ ଡେପୁଟେସନରେ ଯାଇଛନ୍ତି, ସେନେଇ ସବିଶେଷ ତଥ୍ୟ ହାସଲ କରାଯାଉଛି । ପୁଲିସ ପଦବି ପୂରଣ ଦିଗରେ ପଦକ୍ଷେପ ନିଆଯାଉଛି ।

# ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜରେ ସୁନାଖଣି ଚିହ୍ନଟ

ଭୁବନେଶ୍ୱର: ରାଜ୍ୟର ୩ଟି ଜିଲ୍ଲାରେ ସୁନା ଖଣିର ସନ୍ଧାନ ମିଳିଛି । ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟ, ଭାରତୀୟ ସର୍ବେକ୍ଷଣ ସଂସ୍ଥା(ଜିଏସ୍ଆଇ) ପକ୍ଷରୁ ପ୍ରାରମ୍ଭିକ ଅନୁସନ୍ଧାନ କରାଯାଇ ଦେବଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ସୁନା ପଥର ରହିଥିବା ଜଣାପଡ଼ିଛି । ଦେବଗଡ଼ ଜିଲ୍ଲା ଅଡ଼ାସ ଅଞ୍ଚଳରେ ତମ୍ବାବାହି ପଥର ଜି୨ ସ୍ତରର ହୋଇଥିବା ଆକଳନ କରାଯାଇଛି । ତମ୍ବା ପଥର ସହ ୧୬୮୫ କିଗ୍ରା ସୁନା ରହିଛି । ଏହାବ୍ୟତୀତ ଉକ୍ତ ଅଞ୍ଚଳରେ ତମ୍ବା ବାହି ପଥର ସହ ୬.୬୭ ମିଲିୟନ୍ ଟନ୍ କପର, ୦.୬୩୮ ମିଲିୟନ୍ ଟନ୍ ରୂପା ଓ ୦.୧୦ ମିଲିୟନ୍ ଟନ୍ ନିକେଲ୍ ଥିବା ଜିଏସ୍ଆଇ ପକ୍ଷରୁ ଆକଳନ କରାଯାଇଛି ।



କେନ୍ଦୁଝର ଜିଲ୍ଲା ଗୋପୁର, ଗାଜିପୁର, କୁଶକଳା, ଅଡ଼ାଳ ଏବଂ ତେଲକୋଇର ସଲେଇକନା, ଡିମିରିମୁଣ୍ଡା ଓ କରଡଙ୍ଗା ଅଞ୍ଚଳରେ ସୁନା ଥିବା ସୂଚନା ମିଳିଛି । ନିର୍ଦ୍ଦେଶାଳୟ ପକ୍ଷରୁ ୧୯୭୭-୮୩ ଓ ୧୯୮୯-୯୬ ମଧ୍ୟରେ କେନ୍ଦୁଝର ଜିଲ୍ଲା ତେଲକୋଇ ତହସିଲ ଅଞ୍ଚଳରେ ଅନୁସନ୍ଧାନ କରାଯାଇ ଦୁଇଟି ସୁନାବାହୀ ବାଲୁକାପ୍ରସ୍ତର ସିରା ଅବସ୍ଥିତି ଜଣାପଡ଼ିଥିଲା । ଯେଉଁଥିରେ ଗୋଟିଏ ଟନ୍ ପଥରରେ ୧ ଗ୍ରାମ ସୁନା ଥିବା ବିଶ୍ଳେଷଣରୁ ଜଣାପଡ଼ିଛି । ସେଥିମଧ୍ୟରୁ ଗୋପୁର ନିକଟସ୍ଥ ଦକ୍ଷିଣ ପାର୍ଶ୍ୱରେ ୬୦ ମିଟର ଲମ୍ବ ଓ ୧ ମିଟର ଓସାର ଅଞ୍ଚଳରେ ଥିବା ବାଲୁକାପ୍ରସ୍ତର ସିରାର ଏକ ଟନ୍ ପଥରରୁ ୨.୫ ଗ୍ରାମରୁ ୧୦ ଗ୍ରାମ ସୁନା ଥିବାର ଆକଳନ ହୋଇଛି । ଯାହାକି ଭୂପୃଷ୍ଠରୁ ୩୦ରୁ ୬୦ ମିଟର ତଳେ ଥିବାରୁ ଅର୍ଥନୈତିକ ଦୃଷ୍ଟିକୋଣରୁ ଉକ୍ତ ସମୟରେ ସବିଶେଷ ଆକଳନ ପାଇଁ କାର୍ଯ୍ୟପନ୍ଥା କରାଯାଇ ନ ଥିଲା । ସେହିପରି ନିର୍ଦ୍ଦେଶାଳୟ ପକ୍ଷରୁ ୧୯୭୦-୭୧ରେ ତେଲକୋଇ ନିକଟସ୍ଥ ସଲେଇକନା ପରିପାର୍ଶ୍ୱରେ ନାଳ ଅବବାହିକା ଓ ଶଯ୍ୟାରେ ୧ ଟନ୍ ମାଟିରେ ୧ ଗ୍ରାମ ସୁନା ଥିବା ସୂଚନା ମିଳିଛି।

ମୟୂରଭଞ୍ଜ ଜିଲ୍ଲା ଯଶିପୁର, ସୁରିଆଗୁଡ଼ା, ଭୁଆଁସି, ଇଡେଲକୁଚା, ମାରେଡିହି ଓ ସୁଲେଇପାଟ(ଧୁସୁରା ପାହାଡ଼) ଓ ବାଦାମ ପାହାଡ଼ ଅଞ୍ଚଳରେ ମଧ ସୁନା ରହିଛି । ନିର୍ଦ୍ଦେଶାଳୟ ଓ ଜିଏସ୍ଆଇ ଅନୁସନ୍ଧାନ କରାଯାଇ ଇଡେଲକୁଚା-ମାରେଡିହି-ବାହାମପାହାଡ଼ ଆଦି ଅଞ୍ଚଳରେ ସୁନାବାହୀ ପଥର ରହିଛି । ୧ ଟନ୍ ପଥରରୁ ୦.୧ରୁ ୨.୬ଗ୍ରାମ ସୁନା ରହିଥିବା ଆକଳନ କରାଯାଇଛି । ନିର୍ଦ୍ଦେଶାଳୟ ପକ୍ଷରୁ ୧୯୭୦-୭୧ରେ ଅନୁସନ୍ଧାନ କରାଯାଇ ଧୁସୁରା ପାହାଡ଼ରେ ୨.୩ କିମି ବ୍ୟାପି ଅଞ୍ଚଳରେ ୧ ଟନ୍ ପଥରରୁ ୦.୧ରୁ ୦.୮ ଗ୍ରାମ ସୁନା ଥିବାର ଆକଳନ କରାଯାଇଥିବା ବିଧାୟକ ସୁଧୀର କୁମାର ସାମଲଙ୍କ ଏକ ପ୍ରଶ୍ନରେ ଖଣି ଓ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ବିଧାନସଭାରେ ସୂଚନା ଦେଇଛନ୍ତି ।

# ଉତ୍କଳମଣିଙ୍କ ଜନ୍ମସ୍ଥାନର ରୂପାନ୍ତରିତ ପ୍ରକଳ୍ପ

ଉତ୍କଳର ସୁଯୋଗ୍ୟ ସନ୍ତାନ ତଥା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ଉତ୍କୃଷ୍ଟ ଶ୍ରଦ୍ଧାଞ୍ଜଳି । ଆର୍ବିଭାବର ୧୪୫ ବର୍ଷ ପରେ ଜନ୍ମମାଟିରେ ପୁର୍ନଜୀବିତ ହେଲା ଉତ୍କଳମଣିଙ୍କ ସ୍ମୃତି । ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକର ଐତିହାସିକ ସୁଆଣ୍ଡୋ ଗାଁରେ ଲୋକାର୍ପିତ ହୋଇଛି ପୂଣ୍ୟାତ୍ମା ଗୋପବନ୍ଧୁ ଦାସଙ୍କ ଜନ୍ମସ୍ଥାନର ରୂପାନ୍ତରିତ ପ୍ରକଳ୍ପ । ଯେଉଁଠି ଉତ୍କଳମଣିଙ୍କର ୧୫ ଫୁଟ୍ ଉଚ୍ଚର ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସହ ପରିବର୍ତ୍ତିତ ବାସଗୃହ, ସଂଗ୍ରହାଳୟ, ଶିଶୁ ପାର୍କ, ସୂଚନା କେନ୍ଦ୍ର ସ୍ଥାନ ପାଇଛି । ସେହିଭଳି ଗୋପବନ୍ଧୁଙ୍କ ଷଠିଘର, ଦୁଇଟି ସୁଦୃଶ୍ୟ ଶିବ ମନ୍ଦିର ଏବଂ ସୁନ୍ଦର ପରିକ୍ରମା ରାସ୍ତାର ମଧ୍ୟ ଲୋକାର୍ପଣ କରାଯାଇଛି । ଘରେ ଥିବା ଢିଙ୍କି, ଲଣ୍ଠନ, ଲୋଟା, ଖଟ ଉତ୍କଳମଣିଙ୍କ ସ୍ମୃତିକୁ ତାଜା କରୁଛି । ଘରର ସବୁ ବସ୍ତୁକୁ ଅତି ସୁନ୍ଦରଭାବେ ସଜାଇ ରଖାଯାଇଛି । ପ୍ରାୟ ୫ ଏକ ପରିମିତ ସ୍ଥାନରେ ଗୋପବନ୍ଧୁଙ୍କ ସ୍ମୃତି ରୋମନ୍ଥନ କଲାଭଳି ଅନେକ କାରୁକାର୍ଯ୍ୟ ସ୍ଥାନ ପାଇଛି । ସଂଗ୍ରହାଳୟ ଭିତରେ ଗୋପବନ୍ଧୁଙ୍କ ଏଭଳି କିଛି ଫଟୋଚିତ୍ର ଓ ପ୍ରତିମୂର୍ତ୍ତି ସ୍ଥାନ ପାଇଛି ଯାହା ସାଧାରଣ ଦର୍ଶକଙ୍କୁ ଆକୃଷ୍ଟ କରିବ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ  ଏହି ପ୍ରକଳ୍ପର ଉଦ୍‌ଘାଟନ କରି ଏହି ମହାମନିଷୀଙ୍କ ସ୍ମୃତି ରକ୍ଷା ପାଇଁ ଯେତେ ଯାହା କଲେ ବି କମ୍ ପଡ଼ିବ ବୋଲି କହିଛନ୍ତି । ଗୋପବନ୍ଧୁ ଜଣେ ଯୁଗପୁରୁଷ ଥିଲେ, ସବୁବେଳେ ଓଡ଼ିଶା ତାଙ୍କ ନିକଟରେ ଋଣୀ ରହିବ । ଆଗକୁ ମଧ୍ୟ ୫ଟି ସଂସ୍କାରରେ ରାଜ୍ୟର ବିଭିନ୍ନ ବରପୁତ୍ରଙ୍କ ଜନ୍ମସ୍ଥାନର ବିକାଶ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ଉତ୍କଳ ଗୌରବ ମଧୁସୁଦନ ଦାସ, ଫକୀର ମୋହନ ସେନାପତି, ଗଙ୍ଗାଧର ମେହେର, ସହିଦ ଲକ୍ଷ୍ମଣ ନାୟକଙ୍କ ଭଳି ବରପୁତ୍ରଙ୍କ ତ୍ୟାଗ ଅସାଧାରଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।





















# ବଲିଉଡ୍‌ର କୁଆଁରୀ ମା’

ବଲିଉଡ୍‌ରେ ଏପରି ଅନେକ ଅଭିନେତ୍ରୀ ଅଛନ୍ତି, ଯେଉଁମାନେ ସେମାନଙ୍କର ଜବରଦସ୍ତ ଅଭିନୟ ଦ୍ୱାରା ପ୍ରଶଂସକଙ୍କୁ ପାଗଳ କରିଦେଇଛନ୍ତି । ଏହି ଅଭିନେତ୍ରୀମାନେ, ଯେଉଁମାନେ ନିଜ ସୌନ୍ଦର୍ଯ୍ୟ ଏବଂ ବଡ଼ ପରଦାରେ ଅଦ୍ଭୁତ ଅଭିନୟ ସହିତ ପ୍ରଶଂସକମାନଙ୍କୁ ପାଗଳ କରିଦେଇଥିଲେ । ବାସ୍ତବ ଜୀବନରେ କିନ୍ତୁ ସେମାନଙ୍କର ନିର୍ଭୀକ ନିଷ୍ପତ୍ତି ପ୍ରଶଂସକଙ୍କୁ ଚକିତ କରିଦିଏ । ଏହି ଅଭିନେତ୍ରୀମାନେ ସେମାନଙ୍କର ବ୍ୟକ୍ତିଗତ ଜୀବନକୁ ନେଇ ବହୁତ ଆଲୋଚନାର ସରବ୍ୟ ହୋଇଥିଲେ । ଆଜି ଆମେ ଆପଣଙ୍କୁ ଏପରି କିଛି ବଲିଉଡ୍ ଅଭିନେତ୍ରୀମାନଙ୍କ ବିଷୟରେ କହିବୁ ଯେଉଁମାନେ ବିବାହ ପୂର୍ବରୁ ଗର୍ଭଧାରଣ ଖବର ଦେଇ ପ୍ରଶଂସକଙ୍କୁ ଆଶ୍ଚର୍ଯ୍ୟ କରିଛନ୍ତି ।

**ନୀନା ଗୁପ୍ତା:** ନୀନା ଗୁପ୍ତା ବଲିଉଡ୍‌ର ସେହି ଅଭିନେତ୍ରୀମାନଙ୍କ ତାଲିକାରେ ଅନ୍ତର୍ଭୁକ୍ତ, ଯେଉଁମାନେ ବିବାହ ପୂର୍ବରୁ ଗର୍ଭବତୀ ହୋଇଥିଲେ । ନୀନା ବିବାହ ପୂର୍ବରୁ ତାଙ୍କ ଗର୍ଭଧାରଣକୁ ନେଇ ସବୁବେଳେ ଖୋଲାଖୋଲି ଭାବରେ ପ୍ରକାଶ କରିଥିଲେ । ନୀନା ହେଉଛନ୍ତି ସିଙ୍ଗଲ ମଦର ଏବଂ ସେ ତାଙ୍କ ଡିଜାଇନର୍ ଝିଅ ମସାବା ଗୁପ୍ତାଙ୍କୁ ଏକା ହିଁ ବଡ କରିଛନ୍ତି ।

**ନେହା ଧୁପିଆ:** ଅଭିନେତ୍ରୀ ନେହା ଧୁପିଆ ଏହି ତାଲିକାରେ ଦ୍ୱିତୀୟ ନମ୍ବରରେ ଅଛନ୍ତି । ନେହା ଅଭିନେତା ଅଙ୍ଗଦ ବେଦୀଙ୍କୁ ବିବାହ କରିଥିଲେ । ଅଙ୍ଗଦଙ୍କ ସହ ନେହାଙ୍କ ବିବାହ ହଠାତ ହୋଇଥିଲା ଏବଂ ସେ ବିବାହର ୬ ମାସ ମଧ୍ୟରେ ସେ ଝିଅ ମେହରଙ୍କୁ ଜନ୍ମ ଦେଇଥିଲେ । ନେହା ଧୁପିଆ ନିଜେ ବିବାହ ପୂର୍ବରୁ ଗର୍ଭବତୀ ଥିବା ଘୋଷଣା କରିଥିଲେ ।

**ଶ୍ରୀଦେବୀ :** ନବେ ଦଶକର ପ୍ରସିଦ୍ଧ ଅଭିନେତ୍ରୀ ଶ୍ରୀଦେବୀଙ୍କ ନାଁ ମଧ୍ୟ ଏହି ତାଲିକାରେ ରହିଛି । ଶ୍ରୀଦେବୀ ଖୋଲାଖୋଲି ଭାବେ କହିଥିଲେ ଯେ ଯେତେବେଳେ ସେ ବୋନି କପୁରଙ୍କୁ ବିବାହ କରିଥିଲେ ସେତେବେଳେ ସେ ଗର୍ଭବତୀ ଥିଲେ ଏବଂ ବିଶ୍ୱାସ କରାଯାଏ ଯେ ବିବାହ ସମୟରେ ଶ୍ରୀଦେବୀ ପ୍ରାୟ ୭ ମାସ ଗର୍ଭବତୀ ଥିଲେ । ବିବାହ ପରେ ସେ ଝିଅ ଜାହ୍ନବୀ ଜନ୍ମ ହୋଇଥିଲେ ।

**ସାରିକା:** ଅନେକ ଲୋକ ଅଛନ୍ତି ଯେଉଁମାନେ ଜାଣନ୍ତି ନାହିଁ ଯେ ପ୍ରସିଦ୍ଧ ଦକ୍ଷିଣ ଅଭିନେତ୍ରୀ ସାରିକା ବିବାହ ପୂର୍ବରୁ ଗର୍ଭବତୀ ହୋଇଥିଲେ । ସାରିକା କମଲ ହାସନଙ୍କ ସହ ପ୍ରେମ ସମ୍ପର୍କ ରଖିଥିଲେ । ଝିଅ ଶ୍ରୁତି ହାସନଙ୍କ ଜନ୍ମର ପ୍ରାୟ ୨ ବର୍ଷ ପରେ ସାରିକା କମଲ ହାସନଙ୍କୁ ବିବାହ କରିଥିଲେ ।

**ମହିମା ଚୌଧୁରୀ:** ବଲିଉଡ୍ ଅଭିନେତ୍ରୀ ମହିମା ଚୌଧୁରୀଙ୍କ ନାଁ ମଧ୍ୟ ଏହି ତାଲିକାରେ ସାମିଲ । ସେ ୧୯ ମାର୍ଚ୍ଚ ୨୦୦୬ରେ ବବି ମୁଖାର୍ଜୀଙ୍କୁ ବିବାହ କରିଥିଲେ, କିନ୍ତୁ ଖବର ଅନୁଯାୟୀ ସେ ବିବାହ ପୂର୍ବରୁ ଗର୍ଭବତୀ ହୋଇଥିଲେ ।









# ଉଚ୍ଚ କୋଲେଷ୍ଟେରୋଲ୍ କଣ୍ଟ୍ରୋଲ୍ କରେ ଭେଣ୍ଡି

ଭୁଲ୍ ଖାଦ୍ୟପେୟ, ଚିନ୍ତା, ନିଶା ଜିନିଷର ଅଧିକ ସେବନ, ଚା’ ଓ କଫିର ଅଧିକ ସେବନ , ବ୍ୟସ୍ତବହୁଳ ଓ ବର୍ତ୍ତମାନର ଜୀବନଶୈଳୀ ଆଦି ସ୍ୱାସ୍ଥ୍ୟ ଉପରେ ଅନେକ କୁପ୍ରଭାବ ପକାଇବା ସହ ଅନେକ ରୋଗର କାରଣ ପାଲଟିଥାଏ । ଫଳରେ ମୋଟାପଣ, ମଧୁମେହ, ହୃଦୟ ରୋଗ, ଷ୍ଟ୍ରୋକ୍, ଉଚ୍ଚ ରକ୍ତଚାପ ଭଳି ମାରାତ୍ମକ ରୋଗ ହେବାର ସମ୍ଭାବନା ଅଧିକ ଥାଏ । ଭୁଲ ଖାଦ୍ୟପେୟ କାରଣରୁ ଶରୀରରେ କୋଲେଷ୍ଟେରୋଲ୍ ଅଧିକ ବୃଦ୍ଧି ହୋଇଥାଏ । ଫଳରେ ହୃଦୟ ପାଇଁ ଏହା କ୍ଷତିକାରକ ହୋଇଥାଏ । ତେଣୁ କୋଲେଷ୍ଟେରୋଲ୍ ନିୟନ୍ତ୍ରଣରେ ରଖିବା ନିତାନ୍ତ ଜରୁରୀ । ତେବେ ବୃଦ୍ଧି ପାଉଥିବା କୋଲେଷ୍ଟେରୋଲ୍‌କୁ ନିୟନ୍ତ୍ରଣ କରିବା ପାଇଁ ଭେଣ୍ଡି ବେଶ ଉପକାରୀ । ଏହା ସ୍ୱାସ୍ଥ୍ୟ ପାଇଁ କୌଣସି ବରଦାନରୁ କମ୍ ନୁହେଁ । ଭେଣ୍ଡିର ସେବନ କରିବା ଦ୍ୱାରା କୋଲେଷ୍ଟେରୋଲ୍ ନିୟନ୍ତ୍ରଣ ହୋଇ ରହିଥାଏ । ବିଶେଷଜ୍ଞଙ୍କ ମତରେ ଭେଣ୍ଡି ସେବନ ଦ୍ୱାରା ମୋଟାପଣ ହ୍ରାସ ସହ ମଧୁମେହ ଓ ହୃଦୟ ଜନିତ ରୋଗ ହେବାର ସମ୍ଭାବନା ଖୁବ୍ କମ୍ ଥାଏ ।

- ଭେଣ୍ଡିର ବ୍ୟଞ୍ଜନ ଅଧିକାଂଶ ଦେଶରେ ଉପଲବ୍ଧ । ବିଭିନ୍ନ ଦେଶରେ ଏହାର ଭିନ୍ନ ନାମ ମଧ୍ୟ ରହିଛି । ଏଥିରେ କ୍ୟାଲସିୟମ, ପୋଟାସିୟମ, ମେଗ୍ନେସିୟମ, ଫସଫରସ, ଆଇରନ , ଭିଟାମିନ ସି ଆଦି ପୋଷକ ତତ୍ତ୍ୱ ଭରପୁର ମାତ୍ରାରେ ରହିଛ । ଯାହା ଶରୀରକୁ ଅନେକ ରୋଗରୁ ରକ୍ଷା କରିବାରେ ସହାୟକ ହୋଇଥାଏଛ ତେଣୁ ଡାକ୍ତର ମଧ୍ୟ ସୁସ୍ଥ ରହିବା ପାଇଁ ଖାଦ୍ୟରେ ଭେଣ୍ଡି ସାମିଲ କରିବାକୁ ପରାମର୍ଶ ଦେଇଥାଆନ୍ତି ।

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଭେଣ୍ଡିରେ ଉପକାରୀ ଫାଇବର ଓ ଅନ୍ୟ ପୋଷକ ତତ୍ତ୍ୱ ରହିଛି । ଏହା କୋଲେଷ୍ଟେରୋଲ୍‌କୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ । ତେଣୁ କୋଲେଷ୍ଟେରୋଲ୍ ଓ ହୃଦୟ ଜନିତ ସମସ୍ୟା ଥିବା ବ୍ୟକ୍ତି ବିଶେଷ ନିଶ୍ଚୟ ଭେଣ୍ଡିର ସେବନ କରିବା ଉଚିତ୍ । ସେହିପରି ମଧୁମେହ ରୋଗୀ ମଧ୍ୟ ଭେଣ୍ଡିକୁ ବତୁରାଇ ଏହାର ପାଣି ପିଇବା ଖୁବ ଉପକାରୀ । ଏହାର ସେବନ ଦ୍ୱାରା ରକ୍ତରେ ଶର୍କରା ନିୟନ୍ତ୍ରଣ ହୋଇ ରହିଥାଏ ।



# ଖରାଦିନେ ଆଲୋଭେରା

ଆଲୋଭେରାରେ ଭରି ରହିଛି ଅନେକ ଔଷଧୀୟ ଗୁଣ ଯାହାକୁ ବ୍ୟବହାର କରି ଖରାଦିନେ ଅନେକ ସମସ୍ୟାରୁ ମୁକ୍ତି ପାଇହେବ । ଯେମିତିକି: ଖରାଦିନେ ସୂର୍ଯ୍ୟଙ୍କ ପ୍ରଖର କିରଣ ଯୋଗୁ ଝାଳ ବୋହି ତ୍ୱଚା ଝାଉଁଳିଗଲା ପରି ଲାଗିଥାଏ । ସେଥିପାଇଁ ଖରାରେ ବାହାରକୁ ବାହାରିବା ପୂର୍ବରୁ ତ୍ୱଚାରେ ଆଲୋଭେରା ଜେଲ୍ ଲଗାଇପାରିବେ । କାରଣ ଆଲୋଭେରା ଜେଲ୍ ତ୍ୱଚାକୁ ହାଇଡ୍ରେଟ୍ ରଖିବାରେ ସାହାଯ୍ୟ କରିଥାଏ । ଝାଳ ଯୋଗୁ ଅନେକଙ୍କର ଖରାଦିନେ ତ୍ୱଚା କୁଣ୍ଡାଇ ମଧ୍ୟ ହୋଇଥାଏ । ଏଥିପାଇଁ ବି ତ୍ୱଚାରେ ଆଲୋଭେରା ଜେଲ୍ ଲଗାଇବା ସର୍ବୋତ୍ତମ ହୋଇଥାଏ । ଆପଣ ଚାହିଁଲେ ଆଲୋଭେରା ଜେଲ୍ ପରିବର୍ତ୍ତେ ସିଧାସଳଖ ଆଲୋଭେରା ଡାଳ ଖଣ୍ଡେ ଆଣି ସେଥିରୁ ରସ ବାହାର କରି ତ୍ୱଚାରେ ମଧ୍ୟ ଲଗାଇପାରିବେ । ଏହା ନାଚୁରାଲ୍ ମଇଶ୍ଚରାଇଜର୍ ର କାମ ଦେଇଥାଏ । ଆଲୋଭେରାକୁ କେବଳ ତ୍ୱଚାରେ ଲଗାଇବେ ତାହା ନୁହେଁ, ଏହାର ଜୁସ୍କୁ ବି ସେବନ କରି ଖରାଦିନେ ପେଟକୁ ଥଣ୍ଡା ରଖିବା ସହିତ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିପାରିବେ । କାରଣ ଏଥିରେ ଭରି ରହିଛି ଭିଟାମିନ୍ ଏ, ସି, ଇ, ଭିଟାମିନ୍-ବି ୧୨, ଫଲିକ୍ ଏସିଡ୍, କୋଲାଇନ୍ ପରି ଅନେକ ଗୁଣକାରୀ ତତ୍ତ୍ୱ ।





THE AADHAR ODISHA
ଆଧାର ଓଡ଼ିଶା

# ରୋଗାଗ୍ରସ୍ତ ଅବସ୍ଥାରେ ବିନିକା ଡାକ୍ତରଖାନା

ବିନିକା: ୧୮୯୭ ରୁ ସ୍ଥାପିତ ହୋଇଥିବା ବିନିକା ଡ଼ାକ୍ତରଖାନାର କିଛି ଦିନ ତଳେ ନବକଳେବର ହୋଇଥିଲା । ଯାହା ଏବେ ସମ୍ପୂର୍ଣ୍ଣ ରୋଗାଗ୍ରସ୍ଥ ଅବସ୍ଥାରେ କହିଲେ ଭୁଲ୍ ହେବ ନାହିଁ । ବିନିକା ଅଞ୍ଚଳ ତଥା ସୋନପୁର, ଉଲୁଣ୍ଡା ଓ ଡୁଙ୍ଗୁରିପାଲ ଓ ଭେଡ଼େନ୍ ବ୍ଲକ୍‌ର ଲକ୍ଷାଧିକ ଜନସାଧାରଣ ଏହି ଡାକ୍ତରଖାନା ଉପରେ ନିର୍ଭରଶୀଳ ଥିବା ବେଳେ ଏହା ଏବେ ପ୍ରଶାସନର ଦୃଷ୍ଟି ଆଢୁଆଳରେ । ଫଳରେ ସମ୍ପୃକ୍ତ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ବିନିକା ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ ଥିବା ମହାଦେବପାଲି ଏରିଆ ଡ଼ାକ୍ତରଖାନା, ଶଙ୍କରା ଓ ବାଙ୍କଘଡ଼ି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି । ବିନିକା ଡ଼ାକ୍ତରଖାନା ଗୁଡ଼ିକରେ ମୋଟ ବିଶେଷଜ୍ଞ ଓ ଡ଼ାକ୍ତର ପଦବି ସରକାରି ହିସାବରେ ୧୫ ଜଣ ରହିବାର ନିୟମ ଥିଲାବେଳେ ୩ ଜଣ ଡ଼ାକ୍ତରଙ୍କ ଭରସାରେ ଚାଲିଛି ୪ଟି ଡ଼ାକ୍ତରଖାନା । ଏଥିରୁ ସ୍ପଷ୍ଟ ବାରି ହେଉଛି ବିନିକା ଅଞ୍ଚଳର ସ୍ୱାସ୍ଥ୍ୟ ଅବସ୍ଥାର ବିକଳ ଚିତ୍ର । ବିନିକା ଡ଼ାକ୍ତରଖାନା ୧୮୯୭ରୁ ସ୍ଥାପିତ ହୋଇଥିବା ଓ ଦୀର୍ଘ ଦୁଇ ଶତାବ୍ଦୀରୁ ଉର୍ଦ୍ଧ ହେବ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଉନ୍ନିତ କରାଯାଇ ୧୬ ଶଯ୍ୟାରୁ ୬୦ ଶଯ୍ୟା ବିଶିଷ୍ଟ ଡ଼ାକ୍ତର ଖାନାରେ ପରିଣତ କରିବା ପାଇଁ ଅଞ୍ଚଳବାସୀ ବାରମ୍ବାର ଦାବି ଜଣାଉଥିଲେ ମଧ ତାହା ଆଜି ପର୍ଯ୍ୟନ୍ତ ପୂରଣ ହୋଇପାରୁନାହିଁ । ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଦୀର୍ଘ ୨୦ ବର୍ଷ ହେବ ସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ନିଯୁକ୍ତ ପାଇପାରି ନାହିଁ । କିଛି ବର୍ଷ ପାଇଁ ସ୍ୱାସ୍ଥ୍ୟ ଅଧିକରୀ ନିଯୁକ୍ତି ହୋଇଥିଲେ ମଧ କମ୍ ସମୟ ମଧ୍ୟରେ ତାଙ୍କର ଅନ୍ୟତ୍ର ବଦଳି ହୋଇଥିଲା । ଡ଼ାକ୍ତର ଓ ଅନ୍ୟାନ୍ୟ କର୍ମଚାରୀମାନଙ୍କ କଥା ନ କହିବା ଭଲ । ସରକାରଙ୍କ ନିୟମ



ଅନୁସାରେ ବିନିକା ଡ଼ାକ୍ତରଖାନାରେ ୧୨ ଜଣ ଡ଼ାକ୍ତର ଓ ଜଣେ ମେଡ଼ିକାଲ ଅଫିସରଙ୍କ ଜାଗାରେ ଜଣେ ମାତ୍ର ଡାକ୍ତରରେ ଚାଲିଛି । ଏଠାରେ ଜଣେ ମାତ୍ର ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ନିଜ ବିଭାଗ ସମେତ ପ୍ରଶାସନିକ ବିଭାଗର କାମ ତୁଲାଉଥିବା ବେଳେ ଅନ୍ୟ ୪ଟି ବିଭାଗ ଯଥା ଶିଶୁ ରୋଗ, ମେଡିସିନି, ସର୍ଜରୀ ଓ ଦନ୍ତ ବିଶେଷଜ୍ଞ ପଦବି ଖାଲିପଡ଼ିଛି । ଏଥିସହ ବିଭିନ୍ନ ପରୀକ୍ଷା ଯଥା– ଏକ୍ସରେ, ଅଲ୍‌ଟ୍ରାସାଉଣ୍ଡ ତଥା ଅନ୍ୟାନ୍ୟ ଜରୁରୀ ପରୀକ୍ଷାର ସୁବିଧା ଆଦୌ ଉପଲବ୍ଧ ନାହିଁ ।

ଡ଼ାକ୍ତର ତଥା ଅନ୍ୟାନ୍ୟ କର୍ମଚାରୀଙ୍କ ପାଇଁ ସରକାରୀ କ୍ୱାଟର୍ସ ନାହିଁ । ଏଥିସହ ରୋଗୀଙ୍କ ସାଥିରେ ଆସୁଥିବା ସେମାନଙ୍କ ସମ୍ପର୍କୀୟମାନଙ୍କ ପାଇଁ ଶୌଚାଳୟଟିଏ ମଧ ନାହିଁ । ଯାହାକୁ ନେଇ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଡ଼ାକ୍ତରଖାନାରେ ୨୪ ଘଣ୍ଟିଆ ଔଷଧ ବଣ୍ଟନ ସୁବିଧା ଉପଲବ୍ଧ ହୋଇ ନ ଥିବାରୁ ରାତ୍ର ସମୟରେ ରୋଗୀ ଔଷଧ ନ ପାଇ ମୃତ୍ୟୁ ମୁଖରେ ପଡୁଥିବା ଅଭିଯୋଗ ହେଉଛି । ବିଶେଷ କରି ଏହି ଡାକ୍ତରଖାନା ସୁବର୍ଣ୍ଣପୁର – ଡୁଙ୍ଗୁରିପାଲି, ଏମଡ଼ିଆ ୩୯ ରାସ୍ତା ପାର୍ଶ୍ୱରେ ଥିବାରୁ ଏଠାକୁ ଅଧିକ ଦୁର୍ଘଟଣାଗ୍ରସ୍ତ ଓ ଅନ୍ୟାନ୍ୟ ରୋଗୀ ଆସିଥାନ୍ତି । କିନ୍ତୁ ଡ଼ାକ୍ତର ଅଭାରୁ ଚିକିତ୍ସା ନ ପାଇ ଅନ୍ୟତ୍ର ରେଫର ହୋଇଥାନ୍ତି । ଏହି ଡ଼ାକ୍ତର ଡୁଙ୍ଗୁରିପାଲି ଓ ବିନିକା ବ୍ଲକ୍ ପାଇଁ ବିନିକାରେ ଶବ ବ୍ୟବଚ୍ଛେଦ କେନ୍ଦ୍ର ଥିଲେ ମଧ ଡ଼ାକ୍ତର ତଥା ଆନୁସଙ୍ଗିକ ଗୃହ ଅଭାବ ରହୁଥିବାରୁ ଶବ ବ୍ୟବଛେଦ କରିବାକୁ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଥିବା ଜଣାପଡ଼ିଛି । ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନିଯୁକ୍ତି ପାଇଥିଲାବେଳେ ବିନିକା ଡ଼ାକ୍ତରଖାନାରୁ ଅନେକ କର୍ମଚାରୀମାନଙ୍କୁ ପ୍ରଶାସନ ଅନ୍ୟତ୍ର ଡ଼େପୁଟେସନ କରିଛନ୍ତି । ବିନିକା ଡ଼ାକ୍ତରଖାନାରେ ସ୍ଥାୟୀ ଅଧିକାରୀ ପଦବୀ ପୂରଣ ହେଉ ନ ଥିବାରୁ ପିଏଚ୍‌ଇଓ ଓ ବିପିଏମ୍‌ଙ୍କ ତତ୍ତ୍ୱାବଧାନରେ ହେଉଥିବା ବିଭିନ୍ନ ସଚେତନା କାର୍ଯ୍ୟକ୍ରମ ଠିକ୍ ହିସାବରେ ରୁପାୟନ ନହୋଇ ଅର୍ଥ ବାଟମାରଣା ହେଉଥିବା ଜନସାଧାରଣରେ ଚର୍ଚ୍ଚା ବିଷୟ ପାଲଟିଛି । ବିନିକା ସୁବର୍ଣ୍ଣପୁର ଜିଲ୍ଲାର ଏକ ମୁଖ୍ୟ ବ୍ୟବସାୟିକ କେନ୍ଦ୍ରସ୍ଥଳି ହୋଇଥିବାରୁ ପ୍ରତିଦିନ ଏଠାକୁ ଆଖପାଖ ଅଞ୍ଚଳରୁ ହଜାର ହଜାର ଲୋକଙ୍କ ସମାଗମ ହୋଇଥାଏ । ଏପରି ସ୍ଥଳେ ସ୍ୱାସ୍ଥ୍ୟଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ପ୍ରଶାସନିକ ଅବହେଳା ତଥା ରାଜନୈତିକ ଉଦାସିନତା ହେତୁ ଅପରିପକ୍ୱ ସ୍ଥିତିରେ ରହିଛି । ଏଣୁ ଏହାକୁ ଦୃଷ୍ଟିରେ ରଖି ମୋ ସରକାର କାର୍ଯ୍ୟମରେ ଏହାକୁ ଶୀଘ୍ର ସବ୍‌ଡିଭିଜିନାଲ୍ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ଦେବାସହ ଅନ୍ୟନ୍ୟ ଅନୁସଙ୍ଗିକ ଓ ବିଭିନ୍ନ ପଦବି ଶୀଘ୍ର ପୁରଣ କରିବାକୁ ବୃଦ୍ଧିଜିବି ମହଲରେ ଦାବି ହେଉଛି ।

# ଜଙ୍ଗଲ କାଟି ଚାଲିଛି ଚାଷ ଜମି ନିର୍ମାଣ

ଜମନକିରା/ସମ୍ବଲପୁର: ବାମରା ବନଖଣ୍ଡ ଜମନକିରା ବନାଞ୍ଚଳ ଅନ୍ତର୍ଗତ ଘୁଷୁରାଗୁଡ଼ା ଗ୍ରାମ ପାର୍ଶ୍ୱରେ ବେଆଇନ ଭାବେ ଜଙ୍ଗଲ ପଦାକରି ଚାଷ ଜମି ନିମାଣ ଏକ ନିତିଦିନିଆ ଘଟଣା ହୋଇଛି । ବେଧଡକ ବହୁ ମୂଲ୍ୟବାନ ଗଛ କଟୁଥିବାବେଳେ ବନ ବିଭାଗ ବେଖବର ରହିଛି । ସରକାର ଜଙ୍ଗଲରୁ ଗଛ କାଟିବା ଉପରେ ପ୍ରତିବନ୍ଧକ ଲଗାଇବା ସହିତ କଠୋର ଦଣ୍ଡ ବିଧାନ ବ୍ୟବସ୍ଥା କରିଛନ୍ତି । ଜଙ୍ଗଲ ସୁରକ୍ଷା ପାଇଁ ବନ ବିଭାଗର ବ୍ୟାପକ କର୍ମଚାରୀ ସହ ଜଗୁଆଳି ନିୟୋଜିତ କରାଯାଇଛି । ହେଲେ ସବୁ ପ୍ରକାର ବିଧି ବ୍ୟବସ୍ଥା ଥିଲେ ମଧ ଅସାଧୁ ଲୋକମାନେ ନିଜର ସ୍ୱାର୍ଥ ପାଇଁ ମୂଲ୍ୟବାନ ଗଛ କାଟି ପକାଉଛନ୍ତି । ଦିନଦ୍ୱୀପହରରେ ଗଛ କଟୁଥିଲେ ମଧ ବନ ବିଭାଗ ଖବର ପାଉନାହିଁ । ବନ ବିଭାଗର ଉଦାସୀନତା ଓ କାର୍ଯ୍ୟରେ ଅବହେଳା ଯୋଗୁଁ ଦିନକୁ ଦିନ ଗଛ କଟା ବଢି ବଢି ଚାଲିଛି । ଏପରି ଏକ ଘଟଣା ଜମନକିରା ରେଞ୍ଜ ଘୁଷୁରାଗୁଡ଼ା ଗ୍ରାମ ସଂଲଗ୍ନ ଜଙ୍ଗଲରେ ଦେଖିବାକୁ ମିଳିଛି । ଏହି ଗ୍ରାମ ଚତୁଃପାର୍ଶ୍ୱରେ ବେଆଇନ ଭାବେ ପ୍ରାୟ ୧୦/୧୫ଟି ମୂଲ୍ୟବାନ ଶାଳଗଛ କଟା ଯାଇଥିବା ଦେଖାଯାଇଛି । ରାସ୍ତା କଡରେ କଟର ମେସିନ ଦ୍ୱାରା ଗଛ କଟାଯାଇ ଜେସିବି ଗାଡ଼ିରେ ମୂଳକୁ ତାଡି ଚାଷଜମି ତିଆରି ହେଉଛି । ହେଲେ ବନ ବିଭାଗର କର୍ମଚାରୀ ମାନେ କିପରି ଏହା ଜାଣି ପାରୁନାହାନ୍ତି ତାହା ଚର୍ଚ୍ଚାର ବିଷୟ ହୋଇଛି । ବନ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବାରୁ ଅସାଧୁ ମନେ ଅଧିକ ମାତ୍ରାରେ ଗଛ କାଟୁଛନ୍ତି । ଆଜିକାଲି ଗାଁ ଗାଁରେ କଟର ମେସିନ ରହିଛି । ଖୁବ କମ ସମୟ ମଧରେ ବଡ ବଡ ଗଛ ଭୂଇଁରେ ଗଡି ଯାଉଛନ୍ତି । ଗାଁରେ ବନ ସୁରକ୍ଷା ସମିତି ରହିଥିଲେ ମଧ ଗଛ କଟାକୁ ସେମାନେ ବାରଣ କରୁ ନାହାନ୍ତି । ଏ ସମ୍ପର୍କରେ ବନ ବିଭାଗକୁ ମଧ ସୂଚନା ଦେଉନଥିବା ଅଭିଯୋଗ ହୋଇଛି । ଦୀର୍ଘ ଦିନ ଧରି ଏତେ ସଂଖ୍ୟକ ଗଛ କଟାଯାଉଥିଲେ ମଧ ବନ କର୍ମଚାରୀ ସୁରାକ ନପାଇବା ସାଧାରଣରେ ସନ୍ଦେହ ସୃଷ୍ଟି କରୁଛି । ଅସାଧୁ କର୍ମଚାରୀଙ୍କ ପ୍ରୋତ୍ସାହନରେ ଗଛ କାଟୁଥିବା ନେଇ ଚର୍ଚ୍ଚା ହେଉଛି । ବନ ବିଭାଗ ଏଥିପ୍ରତି ଉଚ୍ଚସ୍ତରୀୟ ତଦନ୍ତ କରି ପଦକ୍ଷେପ ଗ୍ରହଣ କଲେ ଗଛ କଟା ବନ୍ଦ ହୋଇପାରିବ । ଅସାଧୁ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି । ଏ ନେଇ ଜମନକିରା ରେଞ୍ଜ ଅଫିସର ଲକ୍ଷ୍ମୀନାରାୟଣ ନାଏକଙ୍କୁ ପଚାରିବାରୁ ଗଛକଟା ସମ୍ପର୍କରେ ଆଜି ସୂଚନା ପାଇଛି, କାଲି ଗାଁକୁ ଯାଇ ତଦନ୍ତ କରିବି ବୋଲି କହିଛନ୍ତି । ବନବିଭାଗର ଏ କଥା ଗୁଡିକ କେବଳ ବାହାନବଜୀ ବୋଲି ଉପସ୍ଥିତ ଲୋକମାନେ ପ୍ରକାଶ କରିଛନ୍ତି ।

# ଡକାୟତି ଗ୍ୟାଙ୍ଗର ପର୍ଦ୍ଦାଫାଶ

## ନଗଦ ଟଙ୍କା ସହ ମାରଣାସ୍ତ୍ର ଜବତ

ବାଲିଗୁଡ଼ା: ଏକ ୬ ଜଣିଆ ଡକାୟତି ଗ୍ୟାଙ୍ଗର ପର୍ଦ୍ଦାଫାଶ କରିଛି ବାଲିଗୁଡ଼ା ପୋଲିସ୍ । ଏନେଇ ବାଲିଗୁଡ଼ା ଏସଡିପିଓ ରୋହିତ ବର୍ମା ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସୂଚନା ଦେଇଛନ୍ତି । ନଗଦ ଏକ ଲକ୍ଷ ଟଙ୍କା, ଗୋଟିଏ ଦେଶୀ ପିସ୍ତଲ୍, ଗୋଟିଏ ଛୁରୀ, ଦୁଇଟି ମୋବାଇଲ୍ ସମେତ ଗୋଟିଏ ଚୋରି ମୋଟର ସାଇକେଲ ଅଭିଯୁକ୍ତଙ୍କ ନିକଟରୁ ଜବତ କରିଛି ପୋଲିସ୍ । ପୁର୍ବରୁ ଗ୍ୟାଙ୍ଗର ମାଷ୍ଟର ମାଇଣ୍ଡ୍ ଅଜୟ ଦିଗାଲଙ୍କୁ ପୋଲିସ୍ ଗିରଫ କରିଥିବା ବେଳେ ଆଉ ଦୁଇଜଣଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି ପୋଲିସ୍ । ବର୍ତ୍ତମାନ ସୁଦ୍ଧା ତିନିଜଣ ଗିରଫ ହୋଇଥିବା ବେଳେ ଗ୍ୟାଙ୍ଗର ଆଉ ତିନିଜଣଙ୍କୁ ଧରିବାକୁ ଉଦ୍ୟମ ଜାରି ରହିଛି ପୋଲିସ୍ ।

ସୂଚନା ପ୍ରକାରେ ଗତ ୨୦୨୨ ମସିହା ନଭେମ୍ବର ମାସରେ ତୁମୁଡ଼ିବନ୍ଧ ଥାନା ଅନ୍ତର୍ଗତ ଜଲେଶପଙ୍ଗା ନିକଟସ୍ଥ ମା’ବରାଳ ଦେବୀ ପେଟ୍ରୋଲ ପମ୍ପର ମ୍ୟାନେଜର ଟଙ୍କା ଜମା କରିବାକୁ ବ୍ୟାଙ୍କକୁ ଯିବା ସମୟରେ ତୁମୁଡ଼ିବନ୍ଧ କଲେଜ ନିକଟରୁ ୫ ଲକ୍ଷଟଙ୍କା ଲୁଟ୍ ହୋଇଥିଲା । ଏହାପରେ ଚଳିତ ବର୍ଷ ଜାନୁୟାରୀ ୨୯ ତାରିଖରେ ପୁଣିଥରେ ବିଳମ୍ବିତ ରାତିରେ ଜଲେଶପଙ୍ଗା ସ୍ଥିତ ସେହି ପେଟ୍ରୋଲ୍ ପମ୍ପରେ ଦୁର୍ବୃତ୍ତ ପହଁଚି କର୍ମଚାରୀଙ୍କୁ ମାଡ଼ମାରି ଭଙ୍ଗାରୁଜା କରିବା ସହ କିଛି ଟଙ୍କା ସମେତ ଏକ ମୋଟର ସାଇକେଲ ଲୁଟି ନେଇଥିଲେ । ଏହାପରେ ଫେବ୍ରୁଆରୀ ୮ ତାରିଖ ସନ୍ଧ୍ୟା ସମୟରେ ବାଲିଗୁଡ଼ା ଥାନା ଗଦ୍ରିଙ୍ଗିଆ ଘାଟିରେ ରାସ୍ତାରେ କାଠ ଓ ପଥର ପକାଇ ଏକ ଟ୍ରକ୍ ଅଟକାଇ ଟ୍ରକ୍ ଡ୍ରାଇଭରଙ୍କୁ ବନ୍ଧୁକ ଦେଖାଇ ଡ୍ରାଇଭର ଓ ଟ୍ରକରେ ଆସୁଥିବା ଜଣେ ଶିକ୍ଷକଙ୍କୁ ମାଡ଼ ମାରି ସେମାନଙ୍କ ନିକଟରୁ ୨୬ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଲୁଟି ନେଇଥିଲେ ଦୁର୍ବୃତ୍ତ । ସମସ୍ତ ଘଟଣାକୁ ଗୁରୁତର ସହ ଗ୍ରହଣ କରି ବାଲିଗୁଡ଼ା ଥାନା ଅଧିକାରୀ ବାବାଶଙ୍କର ସରାଫଙ୍କ ନେତୃତ୍ୱରେ ତଦନ୍ତ ଜାରି ରଖିଥିଲା ସ୍ୱତନ୍ତ୍ର ଟିମ୍ । ଡକାୟତି ଗ୍ୟାଙ୍ଗ୍ କୁ ଧରିବା ପାଇଁ ଜାଲ ବିଛାଇଥିଲା ପୋଲିସ୍ । ଫଳ ସ୍ୱରୂପ ପୂର୍ବରୁ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ବର୍ତ୍ତମାନ ପୁଣି ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି । ଗିରଫ ଦୁଇ ଯୁବକ ତୁମୁଡ଼ିବନ୍ଧ ଥାନା ଅଞ୍ଚଳର ରିଚାର୍ଡ ନାୟକ, ପ୍ରିୟ ମଣ୍ଡଳ ହୋଇଥିବା ପୋଲିସ୍ ପକ୍ଷରୁ ସୂଚନା ମିଳିଛି ।

# ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ରାସ୍ତା କାର୍ଯ୍ୟ ନିମ୍ନ ମାନର

ପିପିଲି: ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ରାସ୍ତା ମରାମତି କାର୍ଯ୍ୟ ପିପିଲି ବ୍ଲକ୍‌ରେ ଚାଲୁ ରହିଥିବା ବେଳେ ପିପିଲି ଆରଡି ବିଭାଗର ସହକାରୀ ଯନ୍ତ୍ରୀଙ୍କ ଠିକାଦାର ପ୍ରୀତି ଯୋଗୁ ବ୍ୟାପକ ଅର୍ଥ ଚଳୁ କରିବା ଉଦେଶ୍ୟରେ ସମସ୍ତ କାର୍ଯ୍ୟ ନିମ୍ନ ମାନର ହେଉଥିବା ଅଭିଯୋଗ ହେଉଛି । ଏମିତି ମଧ ପିଚୁ କାର୍ଯ୍ୟ ଦିନରେ କରାନଯାଇ ରାତ୍ରିରେ କରା ଯାଉଥିବା ଦେଖିବାକୁ ମିଳୁଛି । ଯାହାକୁ ନେଇ ପିପିଲି ବ୍ଲକ୍‌ରେ ଜନ ଅସନ୍ତୋଷ ଦେଖା ଦେଇଛ । ଏଭଳି ଅଭିଯୋଗ ଆସିଛି ରାଜଧାନୀ ଠାରୁ ଅନତି ଦୂରରେ । ସୂଚନାଥାଉ କି ପୁରୀ–ଭୁବନେଶ୍ୱର ଜାତୀୟ ରାଜପଥ ମଧ୍ୟମ କାହ୍ନପୁର ଡିହ ସାହି ଠାରୁ ଶ୍ରୀକଣ୍ଠପୁର ପର୍ଯ୍ୟନ୍ତ ଦେଢ଼ କିମି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ରାସ୍ତା ନବୀକରଣ ପାଇଁ ପିପିଲି ଗ୍ରାମ ଉର୍ନ୍ନୟନ ବିଭାଗ ଦ୍ୱାରା ପ୍ରାୟ ୨୦ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇ ପିଚୁ ପକା କାର୍ଯ୍ୟ କରାଯାଉଛି । ଏହି ପିଚୁ ପଡ଼ିବାର ମାତ୍ର ସ୍ୱଳ୍ପ ସମୟ ମଧରେ ରାସ୍ତାରୁ ଉଠି ଯାଉଥିବା ସ୍ଥାନୀୟ ଗ୍ରାମବାସୀମାନେ ଦେଖିବାକୁ ପାଇଥିଲେ । ଗ୍ରାମବାସୀମାନେ ନିମ୍ନ ମାନର କାର୍ଯ୍ୟ ହେବା ନେଇ ଅଭିଯୋଗ ହେବାରୁ ଭଲ କାର୍ଯ୍ୟ କରିବା ପାଇଁ ଘଟଣାସ୍ଥଳରୁ ବ୍ୟବହାର ରୋଲର ଜବତ କରି ଘଟଣା ସମ୍ପର୍କରେ ପିପିଲି ଗ୍ରାମ ଉର୍ନ୍ନୟନ ବିଭାଗ ଏସଡିଓଙ୍କୁ ଲିଖିତ ଯୋଗେ ଜଣାଇଛନ୍ତି । ଏମିତି ମଧ ରାସ୍ତା କାର୍ଯ୍ୟକୁ ନେଇ ଚାପା ଉତ୍ତେଜନା ଲାଗିରହିଛି । ଏ ସମ୍ପର୍କରେ ପିପିଲି ଆରଡ଼ି ବିଭାଗର କନିଷ୍ଠ ଯନ୍ତ୍ରୀ ଶ୍ରୀ ମହାନ୍ତିଙ୍କୁ ପଚାରିବାରେ ସେ ପ୍ରକାଶ କରିଛନ୍ତି ଠିକାଦାର ରାତ୍ରିରେ କାର୍ଯ୍ୟ କରୁଛି କିନ୍ତୁ ରାସ୍ତାରେ ଅଏଲ୍ ପକାଇ ନ ଥିବାରୁ ଏଭଳି ସମସ୍ୟା ଉପୁଜିଥିବା ଗ୍ରାମବାସୀମାନେ ଅଭିଯୋଗ ଦେଇଛନ୍ତି କିନ୍ତୁ ଆମ୍ଭେ ତଦନ୍ତ କରି କାର୍ଯ୍ୟନୁଷ୍ଠାନ ନେବୁ ବୋଲି କହିଛନ୍ତି ।

ପ୍ରତିଯୋଗିତାମୂଳକ ପରୀକ୍ଷାରେ ଇଂଲିଶ୍ ବାକ୍ୟର ବ୍ୟାକରଣଜନିତ ଭ୍ରମ ସଂଶୋଧନ ଏକ ଅନିର୍ବାଯ୍ୟ ଅଙ୍ଗ। ଛାତ୍ରୀଛାତ୍ରଙ୍କ ବ୍ୟାକରଣ ଜ୍ଞାନ ବୃଦ୍ଧି ସକାଶେ ଆଧାର ଓଡ଼ିଶା ତରଫରୁ ଏହି ସ୍ତମ୍ଭକୁ ପ୍ରସ୍ତୁତ କରୁଛନ୍ତି ପ୍ରାଧ୍ୟାପକ ପ୍ରମୋଦ କୁମାର ରଥ।

**ଶିକ୍ଷା**



# Correction of Errors

Wrong : They are not completing their work yet.
Right : They have not completed their work yet.

Wrong : Is Jammu Kashmir an union territory?
Right : Is Jammu Kashmir a union territory?
Wrong : She is addicted with music.
Right : She is addicted to music.
Wrong : None has been here before you arrived.
Right : None had been here before you arrived.
Wrong : They are in duty.“Right: They are on duty.
Wrong : We bade her to go.“Right:; We bade her go.
Wrong : Turn off the light before you go to the bed.
Right : Turn off the light before you go to bed.
Wrong : I went to hospital to visit my ailing friend.
Right : I went to the“ hospital to visit my ailing friend. (article 'the' is used because the purpose is secondary.)
Wrong : “Do you enjoy to swim?
Right : Do you enjoy swimming?
Wrong : The author is born in 1917.
Right : The author was born in 1917.

# ସରକାରୀ ଚାକିରିଆଙ୍କ କବ୍‌ଜାରେ ସରକାରୀ ଜମି



ନବରଙ୍ଗପୁର: ସରକାର ଗରିବ, ଅସହାୟ, ବାସହୀନ, ଜମିହୀନ ଲୋକଙ୍କ ନିମନ୍ତେ ବିଭିନ୍ନ ଯୋଜନା କରି ଜମି, ଗୃହ ଯୋଗାଇ ଦେଉଛନ୍ତି । କିନ୍ତୁ ପ୍ରକୃତ ଯୋଗ୍ୟ ବ୍ୟକ୍ତି ଜମି, ଗୃହ ପାଇପାରୁ ନ ଥିବା ବେଳେ ରାଜସ୍ୱ ବିଭାଗର ଜାଣତରେ ସରକାରୀ କର୍ମଚାରୀମାନେ ଜମି ହାତେଇ ବହୁତଳ କୋଠାବାଡି ନିର୍ମାଣ କରିବାରେ ଲାଗି ପଡିଛନ୍ତି । ଏମିତି ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲାରେ । ଆଜ୍ଞା ଏ କଥା ଆମେ କହୁନୁ ଯାହା ଲୋକେ ଦେଖୁଛନ୍ତି ସେମାନେ କହୁଛନ୍ତି । ସରକାର ଚାକିରୀ କ୍ଷେତ୍ରରେ ସମସ୍ତ ପଦବି ପାଇଁ ରାଜ୍ୟସ୍ତରୀୟ କରି ଦେଇଥିବାରୁ ଚାକିରୀ ପାଇଁ ଲୋକେ ନବରଙ୍ଗପୁର ଜିଲ୍ଲା ଆସୁଛନ୍ତି । ସେମାନେ କିଛି ଦିନ ଭଡା ଘରେ ରହି ପରବର୍ତ୍ତୀ ସମୟରେ ରାଜସ୍ୱ ବିଭାଗର କର୍ମଚାରୀଙ୍କୁ ହାତ କରି ଜାଗା ଅକ୍ତିଆର କରି ନେଉଛନ୍ତି । ଯାହାକୁ ଯଦି ଜାଗା ଦରକାର ତେବେ ନବରଙ୍ଗପୁର ଆସିଲେ ରାଜସ୍ୱ ବିଭାଗର କର୍ମଚାରୀ ମାନଙ୍କୁ କିଛି ହାତଗୁଞ୍ଜା ଦେଇ ଜାଗା ନିଜ ନାମରେ କରିପାରିବେ । କେବଳ ନବରଙ୍ଗପୁର ବ୍ଲକ୍ ନାହିଁ ଜିଲ୍ଲାର ସମସ୍ତ ୧୦ ଗୋଟି ବ୍ଲକ୍‌ରେ ଏମିତି ଦେଖିବାକୁ ମିଳିଛି । ଅସାଧୁ କର୍ମଚାରୀଙ୍କ ଯୋଗୁଁ ବ୍ୟବସାୟୀ, କୁଜି ନେତା, ସରକାରୀ କର୍ମଚାରୀ, ଜମି ଦଲାଲମାନେ ବହୁ ଜମି ହାତେଇ ନିଜ ନାମରେ ସେଟଲମେଣ୍ଟ କରାଇ ନେଇଥିବା ଅଭିଯୋଗ ହୋଇ ଆସୁଛି । ବେଳେବେଳେ ରାଜସ୍ୱ ବିଭାଗର ଅସାଧୁ କର୍ମଚାରୀମାନେ ଗରିବ ଲୋକଙ୍କ ଜମିକୁ ମଧ୍ୟ ଅନ୍ୟ ନାମରେ କରି ପ୍ରଚୁର ଅର୍ଥ ଆଦାୟ କରୁଥିବା ଦେଖାଦେଇଛି । କାହାକୁ ଗୁହାରି କଲେ କୋର୍ଟ ଯିବାକୁ କହୁଛନ୍ତି । ଅର୍ଥ ଅଭାବରୁ କେଶ ଲଢ଼ି ନ ପାରି ଅରକ୍ଷିତକୁ ଦଇବ ସାହା ପରି ଜମିକୁ ଛାଡି ଦେଉଛନ୍ତି । ଖବରରୁ ଜଣାପଡିଛି ଯେ ନବରଙ୍ଗପୁରରୁ ନନ୍ଦାହାଣ୍ଡି ଯିବା ରାସ୍ତା କଡରେ ଥିବା ସରକାରୀ ଜମି, ରଙ୍ଗମାଟିଗୁଡା ଠାରେ ଥିବା ଜମି, ଗ୍ୟାସ୍ ଗୋଦାମରୁ କୁକୁଡ଼ାବାଇ ଯିବା ରାସ୍ତାକଡ଼ ନର୍ସରୀ ନିକଟ ଜମି ଗେଲ୍ଲାଗାଦଗୁଡା ଠାରେ ନୂଆଗୁଡା ଜମି ଗୁଡିକୁ କେତେକ ଶିକ୍ଷକ ଶିକ୍ଷୟିତ୍ରୀ କୋର୍ଟ କର୍ମଚାରୀ, ପୋଲିସ୍ ଓ କୁଜିନେତା, ବ୍ୟବସାୟୀ ମାନେ ଅକ୍ତିଆର କରିନେଇଥିବା ଦେଖିବାକୁ ମିଳିଛି । ଏହି କାର୍ଯ୍ୟ କରିବାକୁ ରାଜସ୍ୱ ବିଭାଗର ସୁପରଭାଇଜର ରାଜସ୍ୱ ନିରୀକ୍ଷକ, ତହସିଲଦାର ପୂର୍ଣ୍ଣ ମାତ୍ରାରେ ସାହାଯ୍ୟ କରୁଥିବା ନେଇ ଅଭିଯୋଗ ହୋଇଛି । ତେଣୁ ଭିଜିଲାନ୍ସ ଦ୍ୱାରା ଏପରି ମହାଦୁର୍ନୀତିର ତଦନ୍ତ କରାଗଲେ ପ୍ରକୃତ ତଥ୍ୟ ସାମ୍ନାକୁ ଆସିବ ବୋଲି ଜନସାଧାରଣ ଦାବି କରିଛନ୍ତି ।

# ୩ କିମି ରାସ୍ତା ନିର୍ମାଣକୁ ୩ ବର୍ଷ: ବଢୁଛି ଅସନ୍ତୋଷ

ରାୟଗଡ଼ା: ଦୀର୍ଘ ୩ ବର୍ଷ ବିତି ଯାଇଥିଲେ ହେଁ ମାତ୍ର ୩ କିମି ରାସ୍ତା ନିର୍ମାଣରେ ଅପାରଗ ରହିଥିବା ଠିକା ସଂସ୍ଥା ଉପରେ ଅସନ୍ତୋଷ ଜାହିର କରିଛନ୍ତି ସ୍ଥାନୀୟ ଜନସାଧାରଣ । ୨୦୧୧ ମସିହା ଅକ୍ଟୋବର ମାସରୁ କାର୍ଯ୍ୟାଦେଶ ମିଳିଥିବା ବେଳେ ଏହାକୁ ଶେଷ କରିବାକୁ ୨୦୨୨ ଏପ୍ରିଲ୍ ମାସ ସମୟସୀମା ଧାର୍ଯ୍ୟ କରାଯାଇଥିଲା । ମାତ୍ର ଏହାର ଅବଧି ସରି ପ୍ରାୟ ଆଠମାସ ବିତି ଯାଇହିଲେହେଁ ଏହା ସଂପୂର୍ଣ୍ଣ ନହେଇ ଥିବାରୁ ଜନ ସାଧାରଣ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଏଭଳି କଛପ ଗତିରେ ଚାଲିଛି ରାୟଗଡା ଜିଲ୍ଲା କଲ୍ୟାଣସିଂପୁର ବ୍ଲକ ଓ କାଶୀପୁର ବ୍ଲକକୁ ସଂଯୋଗ କରୁଥିବା ରାସ୍ତା । ମାତ୍ର ୩ କିମି ରାସ୍ତା ବନାଇବା ପାଇଁ ୩ ବର୍ଷ ବିତି ଯାଇଥିଲେ ହେଁ ଏହି କାମ ନ କରିପାରିବା ଏହି ଠିକା ସଂସ୍ଥାର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କାମର ମନ୍ଥର ଗତିର ଅଭିଯୋଗ ସାଙ୍ଗକୁ ରାସ୍ତା ଉପରେ ବିଛା ଯାଉଥୁବା ମାଟି ଉପରେ ଜନ ସାଧାରଣ ପ୍ରଶ୍ନ ଉଠାଇଛନ୍ତି । ବିଲ ହୁଡ଼ାର ମାଟି ପକାଇ କାମ ଶେଷ କରାଯାଉଥୁବାରୁ ଏହାର ବୈଧତା ଉପରେ ଆଶଙ୍କା ବ୍ୟକ୍ତ



କରିଛନ୍ତି ଗଙ୍ଗାଧର ନାଚିକା, ରାମଚନ୍ଦ୍ର କାଡ୍ରାକା, ସୁନ୍ଦରୁ ପ୍ରସ୍କା ପ୍ରମୁଖ । ଏମାନେ କହିଛନ୍ତି କି ୨ ବର୍ଷରୁ ଅଧିକ ହେବ ରାସ୍ତା ଖୋଳି ଦେଇଥିବାରୁ ଚାଷ କାମ ପାଇଁ ହଳ ଲଙ୍ଗଳ ଧରି ଯିବାକୁ ବହୁ ଅସୁବିଧାର ସମୁଖୀନ ହେବାକୁ ପଡୁଛି । ଏହି କାମକୁ ଶୀଘ୍ର ସମ୍ପୂର୍ଣ୍ଣକରି ନ ପାରିଲେ ଯିଏ କରିବ ତାକୁ ହସ୍ତାନ୍ତର କରିବାକୁ ଦାବି କରିଛନ୍ତି ଜନସାଧାରଣ । କାମର ମନ୍ଥର ଗତି ସାଙ୍ଗକୁ ବ୍ୟବହାର କରୁଥୁବା ମେଟେରିଆଲ ଅତି ନିମ୍ନମାନର ବୋଲି ଅଭିଯୋଗକୁ ଖଣ୍ଡନ କରିହେବନି । କାରଣ କେହି ଯନ୍ତ୍ରୀ କିମ୍ବା ଅନ୍ୟକେହି ସରକାରୀ ଅଧିକାରୀ ନରହି କଂକ୍ରିଟ କାମ ଗୁଡିକକୁ ଅତି ନିମ୍ନମାନର ମେଟେରିଆଲ ମାଧ୍ୟମରେ ଚାଲାକି କରି ସାରି ଦେଉଥିବାରୁ ସରକାରୀ ବାବୁଙ୍କ ଉପରେ ସନ୍ଦେହ ଜାତ ହେଉଛି । ମୋରମ୍ ବଦଳରେ ବିଲ ହୁଡ଼ା ମାଟିକୁ ପକାଇ ରାସ୍ତା ଚଉଡା କରିବା କେତେଦୂର ସ୍ୱଚ୍ଛତା ତାହା ତଦନ୍ତ ସାପେକ୍ଷ ଅଟେ । ଏହି କାମର କାର୍ଯ୍ୟାଦେଶ ଜୟ ପ୍ରକାଶ ଶର୍ମାଙ୍କ ନାମରେ ରହିଥିବା ବେଳେ ଅନ୍ୟଜଣେ କଣ୍ଟ୍ରାକ୍ଟର ବ୍ରହ୍ମକୁମାର ଗୋଏଲ ନାମକ ସଂସ୍ଥା କରୁଥୁବାର ଜଣାପଡିଛି । ଏନେଇ ଶ୍ରୀ ଗୋଏଲଙ୍କୁ ପଚାରିବାରୁ ଡେରି ହେବାକଥା ସେ ସ୍ୱୀକାର କରିଛନ୍ତି । ଯଥାଶୀଘ୍ର ସମ୍ପୂର୍ଣ୍ଣ କରାଯିବ ବୋଲି କହିଛନ୍ତି । ପ୍ରକାଶ ଥାଉକି ଏହା ଏକମାତ୍ର କଲ୍ୟାଣସିଂହପୁର ଓ କାଶୀପୁର ରାସ୍ତା ତତ୍‌ସଙ୍ଗେ ସଙ୍ଗେ ରାସ୍ତାର ଉଭୟ ପାଖରେ ଚାଷଜମି ହେଇଥିବାରୁ ଚାଷ କାମରେ ବାଧା ଉପୁଜିଥିବା କଥାକୁ ଏଡାଇ ଦିଆ ନ ଯାଇପାରେ । ତେଣୁ ଶୀଘ୍ର ଉନ୍ନତ ମାନର କାମସହ ସମ୍ପୂର୍ଣ୍ଣ କରିବାକୁ ଦାବି ଜଣାଇଛନ୍ତି । ନଚେତ ରାସ୍ତା ଅବରୋଧ କରି ବିରୋଧ କରାଯିବ ବୋଲି ଚେତାବନୀ ଦେଇଛନ୍ତି ଜନ ସାଧାରଣ । ଏ ନେଇ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଅମ୍ବିକା ପ୍ରସାଦ ମିଶ୍ରଙ୍କୁ ପଚାରିବାରୁ ସେ ବିଳମ୍ବ ହେବା କଥା ସ୍ୱୀକାର କରିଥିଲେ ଏବଂ କହିଥିଲେ କି ତାଙ୍କୁ ତାଗିଦ କରାଯାଇଛି ମାର୍ଚ୍ଚସୁଦ୍ଧା କାମ ସାରିବାକୁ । ତେଣୁ ଯଦି ନ ହୁଏ ତାହେଲେ ତାଙ୍କ ଉପରେ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ପଛୁଆ ବର୍ଗଙ୍କୁ ହାତରେ...

ପ୍ରାଥମିକ ସ୍କୁଲ୍, ସରକାରୀ ଅନୁଷ୍ଠାନ, ସୁଲଭ ବିକ୍ରୟ କେନ୍ଦ୍ରରେ ସର୍ଭେ କେନ୍ଦ୍ର ସ୍ଥାପନ କରାଯିବ । ପ୍ରତ୍ୟେକ ସର୍ଭେ କେନ୍ଦ୍ରରେ ୨ରୁ ୫ ଜଣ ଲେଖାଏଁ ଗଣନାକାରୀ ରହିବେ । ଘରୋଇ ଡିଲର ଥିବା କେନ୍ଦ୍ରରେ ଜଣେ ଲେଖାଏଁ ଗଣନାକାରୀ ରହିବେ । ନିର୍ଦ୍ଧାରିତ ଅବଧି ମଧ୍ୟରେ ଗଣନା କାର୍ଯ୍ୟ ନିର୍ଦ୍ଦିଷ୍ଟ ଫର୍ମାଟରେ କରାଯିବ । ଏଥିପାଇଁ ପରିବାରର ମୁଖିଆଙ୍କ ପରିଚୟ ପ୍ରମାଣପତ୍ରରୁ ଗୋଟିଏ (ଆଧାର କାର୍ଡ, ଭୋଟର କାର୍ଡ, ପ୍ୟାନ କାର୍ଡ ଅବା ପାସପୋର୍ଟ) ରହିବା ଜରୁରୀ । ଏହି ସର୍ଭେ ସଂକ୍ରାନ୍ତ ତଥ୍ୟ ମଧ୍ୟ ଉଭୟ ଡିଜିଟାଲ୍ ଓ ସାଧାରଣ ଫର୍ମରେ ପୂରଣ ହେବ । ଏପ୍ରିଲ୍-ମେ’ ମାସରେ ଏହି ସର୍ଭେ ପ୍ରକ୍ରିୟା ଆରମ୍ଭ ହୋଇ ଜୁଲାଇ ୧୨ ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ ହେବ । ରାଜ୍ୟରେ ପଛୁଆ ବର୍ଗଙ୍କ ସର୍ଭେ କରାଇବା ପାଇଁ ରାଜ୍ୟ ଓବିସି କମିଶନଙ୍କୁ ଗତ ୨୦୨୧ ଫେବ୍ରୁଆରୀ ୨୬ ତାରିଖରେ ରାଜ୍ୟ ସରକାର ଅନୁମତି ଦେଇଥିଲେ । ୨୦୨୧ ମେ’ ମାସରୁ ଓବିସି ଗଣନା ଆରମ୍ଭ ପାଇଁ ମଧ୍ୟ କମିଶନ ପ୍ରସ୍ତୁତି ହୋଇଥିଲେ । କିନ୍ତୁ କୋଭିଡ ଯୋଗୁଁ ଏହି ସର୍ଭେକୁ ସ୍ଥଗିତ ରଖାଯାଇଛି ।

### ମାର୍ଚ୍ଚରୁ ମେ’...

ଦୂର କରିବା ପାଇଁ ଡାକ୍ତରଖାନା ଗୁଡ଼ିକ ପ୍ରସ୍ତୁତ ରହିବାକୁ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶ ଦେଇଛି । ଏଥର ଗ୍ରୀଷ୍ମ ଋତୁରେ ଏଲ-ନିନୋର ସକ୍ରିୟ ରହିବ । ସାଧାରଣତଃ ଏଲ୍-ନିନୋ ବର୍ଷରେ ଗରମ ଅଧିକ ହେଉଥିବା ନଜୀର ରହିଥିବାରୁ ୨୦୨୨ ତୁଳନାରେ ୨୦୨୩ ଗ୍ରୀଷ୍ମର ପ୍ରଭାବ ଅଧିକ ରହିବ ବୋଲି ପୂର୍ବାନୁମାନ କରାଯାଇଛି । ଏଥିପାଇଁ ପୂର୍ବରୁ ପାଣିପାଗ ବିଶେଷଜ୍ଞମାନେ ଟାଣ ଖରା ନେଇ ଆକଳନ କରିଥିଲେ । ଯାହାକୁ ନେି ରାଜ୍ୟ ସରକରା ଆଗୁଆ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ପାନୀୟ ଜଳ ବ୍ୟବସ୍ଥା ସୁନିଶ୍ଚିତ ଓ ଅଂଶୁଘାତ ମୁକାବିଲା ପାଇଁ ରଣନୀତି ପ୍ରସ୍ତୁତ ଆରମ୍ଭ କରିଛନ୍ତି ।

### ଜୀବନ ନାଟକରେ ...

ପ୍ରଶଂସକମାନଙ୍କ ନିଷ୍ଠାପର ଉଦ୍ୟମ ଫଳବତୀ ହୋଇପାରିନାହିଁ । ଲିଭର୍ ସିରୋସିସ୍‌ରେ ପୀଡ଼ିତ ହେବା ପରେ ଗୁରୁତର ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପିଣ୍ଟୁ ଚିକିତ୍ସିତ ହେଉଥିଲେ । ତେବେ ଅଧିକ ଚିକିତ୍ସା ପାଇଁ ତାଙ୍କୁ ଦିଲ୍ଲୀ ନେଇଯିବାକୁ ଡାକ୍ତର ପରାମର୍ଶ ଦେଇଥିଲେ । ତେଣୁ ସେ ଦିଲ୍ଲୀ ଗସ୍ତ କରିଥିଲେ । ସେଠାରେ ତାଙ୍କର ଲିଭର୍ ଟ୍ରାନ୍ସପ୍ଲାଣ୍ଟ ହେବାର ଥିଲା । ହେଲେ ସେଠାରେ ଡୋନର୍ ନମିଳିବାରୁ ତାଙ୍କୁ ହାଇଦ୍ରାବାଦ ସ୍ଥିତ ଯଶୋଦା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ମଧ୍ୟ ଡୋନର ନ ମିଳିବାରୁ ତାଙ୍କର ଲିଭର୍ ଟ୍ରାନ୍ସପ୍ଲାଣ୍ଟ ହୋଇ ପାରି ନଥିଲା । ତେବେ ଦୁଃଖଦ କଥା, ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପିଣ୍ଟୁ ନନ୍ଦ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ତାଙ୍କ ଅକାଳ ବିୟୋଗରେ ଗଭୀର ଭାବେ ଭାଙ୍ଗି ପଡ଼ିଥିବା ଓଲିଉଡ ପୁନର୍ବାର ଜଣେ ପ୍ରତିଷ୍ଠିତ କଳାକାରଙ୍କୁ ହରାଇ ମର୍ମାହତ ଓ ନିର୍ବାକ । ପିଣ୍ଟୁ ନନ୍ଦଙ୍କ ବିୟୋଗରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି ।

ଯଦିଓ ଅଭିନେତା ପିଣ୍ଟୁ ନନ୍ଦଙ୍କର ପାର୍ଥିବ ଜୀବନ ଶେଷ ହୋଇଛି, ମାତ୍ର ତାଙ୍କ ଅଭିନୀତ ଆଲବମ୍ ଗୀତ, ଧାରାବାହିକ ଓ ଚଳଚ୍ଚିତ୍ର ଜରିଆରେ ସେ ଓଡ଼ିଆ ଦର୍ଶକଙ୍କ ହୃଦୟରେ ସଦା ବିରାଜମାନ କରିବେ । ୧୯୯୬ ମସିହାରେ ଚଳଚ୍ଚିତ୍ର ଜଗତରେ ପ୍ରବେଶ କରଥିଲେ ପିଣ୍ଟୁ ନନ୍ଦ । ଓଡ଼ିଆ ଚଳଚ୍ଚିତ୍ର ଜଗତର ଜଣେ ଆଗଧାଡ଼ିର, ବିଶେଷକରି କମେଡି ଓ ଖଳନାୟକ ଭୂମିକାରେ ଅଭିନୟ କରି ଦର୍ଶକଙ୍କ ହୃଦୟ ଜିତିଥିବା ବହୁବିଧ ପ୍ରତିଭା ଥିଲେ ପିଣ୍ଟୁ । ନିଜ କାନ୍ଧରେ ନିଜେ ଚଳଚ୍ଚିତ୍ରକୁ ବୋହି ନେବା ଭଳି ଦମ୍ଭିଲା ଆଉ ଦକ୍ଷ ଥିଲେ । ପିଣ୍ଟୁ ନନ୍ଦ ବହୁ ଚଳଚ୍ଚିତ୍ର, ଆଲବମ୍ ଓ ଧାରାବାହିକରେ ଅଭିନୟ କରି ଦର୍ଶକଙ୍କ ମନ ଜିଣିଥିଲେ । ସିନେ- ଦୁନିଆରେ ପ୍ରବେଶ କରିଥିବା ପିଣ୍ଟୁ ନନ୍ଦ ପ୍ରଥମେ ‘କୋଇଲି’ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ । ଦୂରଦର୍ଶନରେ ପ୍ରସାରିତ ବ୍ୟାସକବି ଫକୀର ମୋହନଙ୍କ ଗଳ୍ପ ‘ରାଣ୍ଡି ପୁଅ ଅନନ୍ତା’ରେ ପିଣ୍ଟୁଙ୍କ ଅଭିନୟ ହଜାର ହଜାର ଦର୍ଶକଙ୍କୁ ଭାବବିହ୍ୱଳିତ କରିଥିଲା । ପରେ ‘ରଙ୍ଗ୍ ନମ୍ବର’, ‘ବାହୁଡ଼ିବେ ମୋ ଜଗାବଳିଆ’, ‘ପ୍ରେମରତ୍ନ ଆସିଲାରେ’, ‘ଦୋସ୍ତି’, ‘ହାତ ଧରି ଚାଲୁଥା’, ‘ରୁମ୍‌କୁ ଝୁମାନା’, ‘କଥା ଦେଲି ମଥା ଛୁଇଁ’ ପରି ୪୦ରୁ ଅଧିକ ଚଳଚ୍ଚିତ୍ରରେ ସେ ଅଭିନୟ କରିଛନ୍ତି ।

ତାଙ୍କ ଅଭିନୟ ଜୀବନର ସବୁଠୁ ସ୍ମରଣୀୟ ଭୂମିକା ଥିଲା ସବ୍ୟସାଚୀ ମହାପାତ୍ରଙ୍କ ନିର୍ଦ୍ଦେଶିତ ବହୁଭାଷୀ ଚଳଚ୍ଚିତ୍ର ‘ଜୟ ଜଗନ୍ନାଥ’ । ଏହି ପୌରାଣିକ ଚଳଚ୍ଚିତ୍ରଟି ଓଡ଼ିଆ ସମେତ ବିବିଧ ଆଞ୍ଚଳିକ ଭାଷାରେ ସାରା ଭାରତରେ ମୁକ୍ତିଲାଭ କରି ବେଶ୍ ଦର୍ଶକାଦୃତ ହେଇଥିଲା । ଏଥିରେ ଶ୍ରୀତମ ଦାସ ଜଗନ୍ନାଥ, ଜ୍ୟୋତି ମିଶ୍ର ମହାଲକ୍ଷ୍ମୀ ଭୂମିକାରେ ଥିବାବେଳେ ବଳରାମଙ୍କ ଭୂମିକାରେ ଅବତୀର୍ଣ୍ଣ ହେଇଥିଲେ ପିଣ୍ଟୁ ନନ୍ଦ । ଓଡ଼ିଆ ଆଲବମ୍ ‘ଏ ଗଉରା ଆଜିକାଲି କ’ଣ ଖାଉଚୁ’ରେ ଅଭିନୟ କରି ସେ ବହୁ ଦର୍ଶକଙ୍କୁ ମନୋରଂଜନ ଦେଇଥିଲେ । ଗତ କିଛିଦିନ ହେବ କିଛି ଚଳଚ୍ଚିତ୍ରରେ ବାପା ଚରିତ୍ର ପାଇଁ ପିଣ୍ଟୁ ନନ୍ଦଙ୍କୁ ଖୋଜା ପଡୁଥିଲା । ଏହା ବ୍ୟତୀତ ଅବସର ସମୟରେ ଅନାଥ ଲୋକମାନଙ୍କ ସେବା କରୁଥିଲେ । ହସ ଓ ରାଗ ବାଣ୍ଟି ଆସୁଥିବା ପିଣ୍ଟୁଙ୍କୁ ଲିଭର ସିରୋସିସ୍ ଓଡ଼ିଆ ଦର୍ଶକଙ୍କ ନିକଟରୁ ଅଫେରା ରାଇଜକୁ ଟାଣି ନେଇଛି । ହାଇଦ୍ରାବାଦର ଯଶୋଦା ହସ୍ପିଟାଲରେ ବୁଧବାର ରାତି ୧୧.୨୫ ମିନିଟରେ ଆର ପାରିକୁ ଚାଲିଯାଇଛନ୍ତି ସେ । ତାଙ୍କର ଅକାଳ ବିୟୋଗ ବହୁ କଳାକାର ଓ ଦର୍ଶକଙ୍କୁ ଗଭୀର ମର୍ମାହତ କରିଛି ।

### ପ୍ରଦୀପ ଜେନା ମୁଖ୍ୟ...

ରକ୍ଷା କରି ସରକାରଙ୍କ ବିଭିନ୍ନ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବା ପ୍ରଦୀପଙ୍କ ପାଇଁ ସବୁଠାରୁ ବଡ଼ ଚାଲେଞ୍ଜ ରହିବ । ସେହିପରି ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାରଙ୍କ ଯୋଜନାଗୁଡ଼ିକୁ ସଠିକ୍ ଭାବେ ପ୍ରଣୟନ କରିବା ଭଳି ଚ୍ୟାଲେଞ୍ଜ ମଧ୍ୟ ରହିବ । ୨୦୨୩-୨୪ ବଜେଟ୍‌ରେ ରାଜ୍ୟ ସରକାର ଘୋଷଣା କରିଥିବା ୨୦ଟି ନୂଆ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ରୋଡମ୍ୟାପ୍ ପ୍ରସ୍ତୁତ କରିବା, ରାଜ୍ୟର ଆଇନ ଶୃଙ୍ଖଳା ସ୍ଥିତିକୁ ସଜାଡ଼ି ସରକାରଙ୍କୁ ବିରୋଧୀଙ୍କ ନିଶାନାରୁ ରକ୍ଷା କରିବା, ରାଜ୍ୟରେ ବାବୁଙ୍କ ଶାସନ ଚାଲିଛି ବୋଲି ସାଧାରଣରେ ବିଚାଲିଥିବା ଚର୍ଚ୍ଚାକୁ ପ୍ରଶମିତ କରିବା, ବିଭିନ୍ନ ବିଭାଗ ଏବଂ ଅଫିସର-ଅଫିସର ମଧ୍ୟରେ ସମନ୍ୱୟ ରକ୍ଷା କରିବା, ଲୋକ ପ୍ରତିନିଧି ଓ ପ୍ରଶାସକଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବା, ଗୁଡ୍ ଗଭର୍ଣ୍ଣାନ୍ସକୁ ପ୍ରମାଣିତ କରି ସରକାରଙ୍କ ଭାବମୂର୍ତ୍ତି ରକ୍ଷା କରିବା, ଅସମ୍ପୂର୍ଣ୍ଣ ଥିବା ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଠିକ୍ ସମୟରେ ଶେଷ କରିବା ଓ ସର୍ବୋପରି ଓଡ଼ିଶାର ଅଭିବୃଦ୍ଧି ଗତିକୁ ତ୍ୱରାନ୍ୱିତ କରିବା ଭଳି ଟପ୍ ଚ୍ୟାଲେଞ୍ଜ ପ୍ରଦୀପଙ୍କ ଆଗରେ ରହିବ ।

୧୯୬୪ ମସିହା ଜାନୁଆରୀ ୧ରେ ଢେଙ୍କାନାଳରେ ଜନ୍ମ ଗ୍ରହଣ କରିଥିବା ପ୍ରଦୀପ, ଧର୍ମଗଡ଼ର ଉପଜିଲ୍ଲାପାଳ ଭାବେ କ୍ୟାରିୟର ଆରମ୍ଭ କରି ପରେ କଳାହାଣ୍ଡିର ଜିଲ୍ଲାପାଳ ହୋଇଥିଲେ । ଓଡ଼ିଶା ପ୍ରଶାସନିକ ସେବାରେ ରହିଛି ପିକେ ଜେନାଙ୍କ ଲମ୍ବା ଅଭିଜ୍ଞତା ଓ ଉପଲବ୍ଧି । ଉନ୍ନୟନ କମିଶନର ତଥା ସ୍ୱତନ୍ତ୍ର ରିଲିଫ କମିଶନର, ଯୋଜନା ଓ ସମନ୍ୱୟ ସଚିବ, କୃଷି ଉତ୍ପାଦନ କମିଶନର ଭାବେ ଅତିରିକ୍ତ ଦାୟିତ୍ୱ ଆଦିକୁ ସେ ସୁଚାରୁ ରୂପେ ତୁଲାଇ ସାରିଛନ୍ତି । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଭାବେ ମଧ୍ୟ ଦେଇଛନ୍ତି ନିଜ କାର୍ଯ୍ୟ ଦକ୍ଷତାର ପ୍ରମାଣ । ତେବେ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ରହିଛି ତାଙ୍କର ବିଶେଷ ଅଭିଜ୍ଞତା । ୧୯୯୯ ମହାବାତ୍ୟା ବେଳେ କଟକ ଜିଲ୍ଲାପାଳ ଥିଲେ ପ୍ରଦୀପ । ୨୦୧୯ରୁ ସେ ସ୍ୱତନ୍ତ୍ର ରିଲିଫ କମିଶନର ପଦବୀରେ ରହିଛନ୍ତି । ବିଦାୟୀ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ୨୦୨୦ ଡିସେମ୍ବରରେ ଦାୟିତ୍ୱ ଗ୍ରହଣ କରିଥିବା ବେଳେ ୨୦୨୨ରେ ତାଙ୍କର କାର୍ଯ୍ୟକାଳ ସରୁଥିଲା । ହେଲେ ତାଙ୍କର ୨ ଥର କାର୍ଯ୍ୟକାଳ ବାଇଥିଲେ ରାଜ୍ୟ ସରକାର । ତାଙ୍କ ପରେ ନୂଆ ସିଏସ୍ ଭାବେ ରେସରେ ସବା ଆଗରେ ରହିଥିଲା ପ୍ରଦୀପ ଜେନାଙ୍କ ନାଁ । ତେଣେ ୧୯୯୧ ବ୍ୟାଚ୍ ଆଇଏଏସ୍ ତଥା ଅତିରିକ୍ତ ମୁଖ୍ୟ ସଚିବ ଅନୁ ଗର୍ଗଙ୍କୁ ପରବର୍ତ୍ତୀ ଉନ୍ନୟନ କମିଶନର ଭାବେ ନିଯୁକ୍ତ କରାଯାଇଛି ।

# ଭାଇଚାରାରେ ହୋଲି

ଶୀତଋତୁ ପରେ ଋତୁରାଜ ବସନ୍ତର ଆଗମନରେ ଫୁଲେଇ ଫଗୁଣ ଧରାପୃଷ୍ଠକୁ ଅବତରଣ କରେ । ଆମ୍ର କାନନରେ କୋଇଲିର କୁହୁକୁହୁ ସ୍ୱର ଶୁଭେ । ପ୍ରକୃତିରାଣୀ ସବୁଜ ଗଛପତ୍ରର ରଙ୍ଗ ସହିତ ପଳାଶ ଓ ଶିମିଳି ଫୁଲର ନାଲି ଓଢ଼ଣିରେ ସଜେଇହୁଏ । ପ୍ରକୃତିକୁ ସ୍ୱାଗତ କରିବା ପାଇଁ ଫଗୁଣ ନେଇଆସେ ରଙ୍ଗର ପର୍ବ ଦୋଳ ଓ ହୋଲି । ଏହି ସମୟରେ ଓଡ଼ିଶାର ପୁରପଲ୍ଲୀ ହୁଏ ଉତ୍ସବମୁଖର । ଦୋଳ ବିମାନରେ ରାଧାକୃଷ୍ଣ ଗ୍ରାମ ପରିକ୍ରମା କରିଥାନ୍ତି । ମାତ୍ର ବିଭିନ୍ନ ମଠମନ୍ଦିରରେ ପାରମ୍ପରିକ ପଦ୍ଧତିରେ ପ୍ରସ୍ତୁତ କରାଯାଇଥିବା ଫଗୁକୁ ନେଇ ଆରମ୍ଭ ହୁଏ ହୋଲିର ଖେଳ । ଏହି ହୋଲିପର୍ବ ବିଭିନ୍ନ ସ୍ଥାନରେ ଆୟୋଜନ କରାଯାଇଥାଏ ଭିନ୍ନ ଭିନ୍ନ ପ୍ରକାରର ସାଂସ୍କୃତିକ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ । ମାତ୍ର ଓଡ଼ିଶାରେ ଏମିତି ଅନେକ ଗାଁ ରହିଛି ଯେଉଁଠି ଦୋଳ ହୋଲି ପର୍ବକୁ ନେଇ ସ୍ୱାତନ୍ତ୍ର୍ୟ ରହିଛି । ଏଠାରେ ହିନ୍ଦୁ -ମୁସଲ୍‌ମାନ ଭାଇମାନେ ଏକାଠି ମିଶି ଖୁବ୍ ଧୁମ୍‌ଧାମ୍‌ରେ ଏହି ପର୍ବ ପାଳନ କରିଥାଆନ୍ତି ।



**ବାରିପଦାର ହୋଲି:** ରଙ୍ଗର ପର୍ବ ହୋଲି । ବିଧି ଅନୁଯାୟୀ ପ୍ରତିବର୍ଷ ଫଗୁଣ ମାସର ପୂର୍ଣ୍ଣିମା ତିଥିରେ ଏହାକୁ ପାଳନ କରାଯାଏ । କେବଳ ଯେ ହିନ୍ଦୁ ଧର୍ମର ଲୋକେ ଏହାକୁ ପାଳନ କରିଥାନ୍ତି, ତା ନୁହେଁ ବରଂ ବିଭିନ୍ନ ଧର୍ମର ଲୋକେ ଭାଇଚାରା ସହକାରେ ଆନନ୍ଦ ଉଲ୍ଲାସର ସହିତ ଏହିପର୍ବକୁ ପାଳନ କରିଥାନ୍ତି । ଯାହାର ଉଦାହରଣ- ମୟୂରଭଞ୍ଜ ଜିଲ୍ଲା ବାରିପଦା ସହରର ଲାଲବଜାର ସ୍ଥିତ ୱାର୍ଡ ନଂ. ୧୦ରେ ଦେଖିବାକୁ ମିଳିଥାଏ । ଏଠାରେ ବସବାସ କରୁଥିବା ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟର ଲୋକେ ମିଳିମିଶି ଏହି ପର୍ବକୁ ବେଶ୍ ଧୂମ୍‌ଧାମ୍‌ରେ ପାଳନ କରିଆସୁଛନ୍ତି । ଲାଲବଜାର ଅଞ୍ଚଳରେ ରହୁଥିବା ୫୪ରୁ ଊର୍ଦ୍ଧ୍ୱ ମୁସଲିମ୍ ପରିବାର ଓ ୧୧୦ରୁ ଊର୍ଦ୍ଧ୍ୱ ହିନ୍ଦୁ ସମ୍ପ୍ରଦାୟର ଲୋକମାନେ ଏହି ପର୍ବକୁ ମିଳିମିଶି ପାଳନ କରୁଛନ୍ତି । ହୋଲି ପର୍ବରେ ମୁସଲମାନ୍ ଭାଇମାନେ ସାମିଲ ହୋଇ ପର୍ବ ପାଳନ କରୁଥିବା ବେଳେ ମୁସଲମାନମାନଙ୍କ ପର୍ବରେ ବି ହିନ୍ଦୁ ଭାଇମାନେ ମିଳିମିଶି ମହରମ ପର୍ବକୁ ପାଳନ କରିଥାନ୍ତି । ଆଜକୁ ପ୍ରାୟ୨୫ ବର୍ଷରୁ ଊର୍ଦ୍ଧ୍ୱ ହେବ ଏଠାରେ ମୁସଲମାନ ପରିବାରର ଏସ୍.କେ. ସାମସେର, ଏସ୍.କେ କରିମ, ଶେଖ୍ ରାଜା ଖାନ୍, ସାହେବ ଅଖତର, ଶେଖ୍ ରହିମଙ୍କ ନେତୃତ୍ୱରେ ମୁସଲମାନ ଭାଇମାନେ ହୋଲିକୁ ଜାକଜମକରେ ପାଳନ କରି ଆସୁଛନ୍ତି । ଠିକ୍ ସେହିପରି ମହରମ ପର୍ବରେ ହିନ୍ଦୁ ପରିବାରର ଶତାଧିକ ବ୍ୟକ୍ତି ମିଳିମିଶି ଉଭୟଙ୍କ ପର୍ବରେ ସାମିଲ ହୋଇଥାନ୍ତି ।

**ଭାଇଚାରା ସୃଷ୍ଟିକରେ କାଉଁରୀ ପାଟଣା ହୋଲି:** ଖୋର୍ଦ୍ଧା ଜିଲ୍ଲାର ବୋଲଗଡ଼ ବ୍ଲକ ଅନ୍ତର୍ଗତ ବଡ଼କୁମାରୀ ଗ୍ରାମପଞ୍ଚାୟତର କାଉଁରୀ ପାଟଣା ସାହି । ଏହି ସାହିରେ ବାସିନ୍ଦାଭାବେ ହିନ୍ଦୁ ଓ ମୁସଲିମ୍ ଉଭୟ ପୁରୁଷ ପୁରୁଷ ଧରି ଚଳିଆସୁଛନ୍ତି । ସାହିର ଉପକଣ୍ଠର ଦକ୍ଷିଣ ପାର୍ଶ୍ୱରେ ରାଜସୁନାଖଳା ଓ ବଡ଼କୁମାରୀ ଉଭୟ ପଞ୍ଚାୟତ ତଥା ବୋଲଗଡ଼ ଓ ରଣପୁର ଉଭୟ ବ୍ଲକ୍ ସୀମାନ୍ତ ସ୍ଥଳରେ ଅବସ୍ଥିତ ସ୍ଥାନୀୟ ଲୋକଙ୍କ ଆରାଧ୍ୟା କାଉଁରୀ ଠାକୁରାଣୀଙ୍କ ମନ୍ଦିରଛି ମା' କାଉଁରୀ ଠାକୁରାଣୀଙ୍କ ନାମରେ ଏହି ସାହିର ନାମ କାଉଁରୀ ପାଟଣା । ଏହି ସାହିର ମଧ୍ୟଭାଗ ଦେଇ ରଣପୁରକୁ ଲମ୍ବିଥିବା ପୂର୍ତ୍ତ ବିଭାଗ ରାସ୍ତାଟିର ପୂର୍ବ ଭାଗରେ ରୁହନ୍ତି ହିନ୍ଦୁ ବାସିନ୍ଦା ଓ ପଶ୍ଚିମ ଭାଗକୁ ରୁହନ୍ତି ମୁସଲମାନ୍ ବାସିନ୍ଦା । ଏଠାରେ ଏକ ମସ୍‌ଜିଦ ମଧ୍ୟ ରହିଛି । ତେବେ ସାହିର ଉତ୍ତର ଦିଗରେ ମହାଦେବ ନୀଳକଣ୍ଠ ଦେବଙ୍କ ମନ୍ଦିର ଅବସ୍ଥିତ । କିନ୍ତୁ ଏଠାରେ ହିନ୍ଦୁ ଓ ମୁସଲମାନ ଉଭୟେ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟରେ ମିଳିମିଶି ପରସ୍ପରକୁ ସହଯୋଗ କରିବା ସହ ଖୁସୀ ମନାଇଥାନ୍ତି । ବିଶେଷକରି ହୋଲିରେ ଉଭୟ ସମ୍ପ୍ରଦାୟର ଲୋକ ଏକାଠି ହୋଇ ହୋଲି ଉତ୍ସବ ମନାଇଥାନ୍ତି ।

**୧୦୦ ବର୍ଷ ପୁରୁଣା ରେଙ୍ଘାଳୋ ଓ ବଡ଼ମାଛପୁରର ହୋଲିପର୍ବ:** ଓଡ଼ିଶାର ବିଭିନ୍ନ ପର୍ବପର୍ବାଣୀ ଭିତରେ ଦୋଳ ହୋଲିର ଆକର୍ଷଣ ସବୁଠୁ ନିଆରା । ବିଭିନ୍ନ ସ୍ଥାନରେ ଦୋଳ ହୋଲିକୁ ଖୁବ୍ ଧୁମ୍‌ଧାମ୍‌ରେ ପାଳନ କରାଯାଉଥିବାବେଳେ ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ ଅନ୍ତର୍ଗତ ବଡ଼ମାଛପୁର ଗ୍ରାମପଞ୍ଚାୟତର ରେଙ୍ଘାଳୋ ଓ ବଡ଼ମାଛପୁରରେ ଦୋଳ ଓ ହୋଲି ପର୍ବ ଏକ ନିଆରା ଢଙ୍ଗରେ ପାଳନ କରାଯାଇଥାଏ । ଏଠାରେ ଉଭୟ ହିନ୍ଦୁ ଓ ମୁସଲମାନ ଭଉଣୀଭାଇମାନେ ମିଶି ଭାଇଚାରା ସହକାରେ ଦୋଳ ହୋଲି ପାଳନ କରିଥାନ୍ତି । ପ୍ରାୟ ୧୦୦ବର୍ଷ ପୁରୁଣା ଏଠାକାର ଦୋଳପର୍ବ । ଆରମ୍ଭରୁ ହିଁ ଏଠାରେ ଏହିପରି ଭାଇଚାରାର ସହ ଦୋଳପର୍ବ ପାଳନ ହେଉଥିବାର ଶୁଣିବାକୁ ମିଳେ । ଯେଉଁଥିପାଇଁ ସେଠାକାର ଲୋକଙ୍କ ପାଇଁ ଏହା ଏକ ସବୁଠୁ ବଡ଼ ପର୍ବ ବୋଲି କୁହନ୍ତି । ଏହି ପର୍ବ ଅବସରରେ ସମଗ୍ର ରେଙ୍ଘାଳ ଓ ବଡ଼ମାଛପୁର ଅଞ୍ଚଳର ପ୍ରାୟ ସମସ୍ତ ଗ୍ରାମର ହିନ୍ଦୁ ଓ ମୁସଲମାନ ସାହିଗୁଡ଼ିକ ବେଶ୍ ଚଳଚଞ୍ଚଳ ଓ ଉତ୍ସବମୁଖର ହୋଇଥାଏ । ଦୋଳଯାତ୍ରାରେ ପ୍ରଭୁ ରାଧାକୃଷ୍ଣ, ପ୍ରଭୁ ଭୁବନେଶ୍ୱର ଦେବ, ଗୋପୀନାଥ ଦେବ ଦୁଇଟି ସୁସଜ୍ଜିତ ଦୋଳବିମାନରେ ଏକ ବିଶାଳ ଶୋଭାଯାତ୍ରାରେ ବିଭିନ୍ନ ଗ୍ରାମ ପରିକ୍ରମା କରି ବିଭିନ୍ନ ସ୍ଥାନରେ ଭୋଗ ଖାଇଥାଆନ୍ତି । ଯେଉଁଥିରେ ଉଭୟ ହିନ୍ଦୁ ଓ ମୁସଲମାନ ଭାଇମାନେ ସାମିଲ ହୋଇଥାନ୍ତି । ସ୍ଥାନୀୟ ବାରହାଗୋରଡ଼ା ପଞ୍ଚମୀ ପଡିଆରେ ଭୁବନେଶ୍ୱର ଦେବ ଓ ଗୋପୀନାଥ ଦେବଙ୍କର ବିରଳ ହରିହର ଭେଟପର୍ବ ଅନୁଷ୍ଠିତ ହୋଇ ମେଣ୍ଢା କୁଡିଆ ପୋଡା ହୋଇଥାଏ । ଏହାପରେ ହୋଲି ପର୍ବରେ ଉଭୟ ସମ୍ପ୍ରଦାୟର ଲୋକ ରଙ୍ଗଅବିର ଓ ଫଗୁରେ ହୋଲି ଖେଳି, ଭୋଗ ଖାଇ ଖୁସି ମନେଇଥାନ୍ତି ।

## ହୋଲିକାଙ୍କ ନାମରୁ ସୃଷ୍ଟି ହୋଲି

ପୁରାଣରେ କଥା ଅଛି, ହିରଣ୍ୟକଶ୍ୟପର ଭଉଣୀ ହୋଲିକାଙ୍କ ନାମକୁ ନେଇ ସୃଷ୍ଟି ହୋଇଛି ହୋଲି । ପୁରାଣ ଅନୁସାରେ ରାଜା ହିରଣ୍ୟକଶ୍ୟପଙ୍କ ପୁତ୍ର ଥିଲେ ପ୍ରହ୍ଲାଦ । ମାତ୍ର ପ୍ରହ୍ଲାଦ ବିଷ୍ଣୁଙ୍କ ପରମଭକ୍ତ ହୋଇଥିବାରୁ ସେ ସର୍ବଦା ଭଗବାନ ବିଷ୍ଣୁଙ୍କୁ ପୂଜାର୍ଚ୍ଚନା କରୁଥିଲେ । କିନ୍ତୁ ହିରଣ୍ୟକଶ୍ୟପ ବିଷ୍ଣୁଙ୍କ ନାମ ନ ଧରିବା ପାଇଁ ପ୍ରହ୍ଲାଦଙ୍କୁ ଯେତେ ବାରଣକଲେ ମଧ୍ୟ ସେ ବିଷ୍ଣୁଙ୍କୁ ସର୍ବଦା ଆରାଧାନା କରୁଥିଲେ । ସେଥିପାଇଁ ହିରଣ୍ୟକଶ୍ୟପ କ୍ରୋଧାନ୍ୱିତ୍ୱ ହୋଇ ପୁତ୍ର ପ୍ରହ୍ଲାଦଙ୍କୁ ମାରିବା ପାଇଁ ବିଭିନ୍ନ ଷଡ଼ଯନ୍ତ୍ର କରିଥିଲେ । ମାତ୍ର ସେ ସବୁଥିରେ ବିଫଳ ହୋଇଥିଲେ । ଶେଷରେ ପୁତ୍ର ପ୍ରହ୍ଲାଦଙ୍କୁ ମାରିବା ପାଇଁ ହିରଣ୍ୟକଶ୍ୟପଙ୍କ ଭଉଣୀ ହୋଲିକାର ସହଯୋଗ ଲୋଡ଼ିଥିଲେ । ତେଣୁ ହୋଲିକା ଅଗ୍ନିରେ ବିନା ଦ୍ୱିଧାରେ ଅଗ୍ନିସ୍ନାନ କରୁଥିଲେ । ହିରଣ୍ୟକଶ୍ୟପଙ୍କ ଆଦେଶରେ ପ୍ରହ୍ଲାଦଙ୍କୁ ମାରିବା ପାଇଁ ପାଞ୍ଚଅଗ୍ନିରେ ପ୍ରବେଶକରି ତପସ୍ୟା କଲାବେଳେ ଭଗବାନ ବିଷ୍ଣୁ ଆର୍ବିଭାବ ହୋଇ ପ୍ରହ୍ଲାଦଙ୍କୁ ଉଦ୍ଧାର କରିଥିଲେ । ଏହାପରେ ହୋଲିକା ଅଗ୍ନିରେ ଜଳି ଧ୍ୱଂସ ହୋଇଯାଇଥିଲା । ତେବେ ହୋଲିକାର ଦହନଙ୍କୁ ନେଇ ସେବେଠାରୁ ହୋଲି ଉତ୍ସବ ପାଳନ ହେଉଥିବା ବିଶ୍ୱାସ କରାଯାଏ ।



## ହୋଲି: କେଉଁଠି କେମିତି

**ମଥୁରା ଓ ବୃନ୍ଦାବନର ହୋଲି:** ମଥୁରା ଓ ବୃନ୍ଦାବନରେ ହୋଲିକୁ ସମ୍ପୂର୍ଣ୍ଣ ପାରମ୍ପରିକ ଢଙ୍ଗରେ ପାଳନ କରାଯାଇଥାଏ । ଏହି ଅବସରରେ ଏଠାରେ ଫଗୁ ଖେଳଠାରୁ ଆରମ୍ଭ କରି ରାଧାକୃଷ୍ଣଙ୍କ ନାମ ଉଚ୍ଚାରଣ ଏବଂ ନଗର ପରିକ୍ରମା ଅନୁଷ୍ଠିତ ହୋଇଥାଏଛ । ସେହିପରି ଶ୍ରୀକୃଷ୍ଣଙ୍କ ଜୀବନୀ ଉପରେ ଆଧାରିତ ସ୍ଥାନୀୟ ପିଲାମାନଙ୍କ ଦ୍ୱାରା ପରିବେଷଣ କରାଯାଉଥିବା ନାଟକ ଏଠାକାର ଅନ୍ୟତମ ହୋଲି ଆକର୍ଷଣ ହୋଇଥାଏ ।

**ବରସାନାର ହୋଲି :** ଉତ୍ତରପ୍ରଦେଶର ମଥୁରା ନିକଟରେ ବରସାନା(ରାଧାରାଣୀଙ୍କ ଜନ୍ମସ୍ଥାନ) ନାମରେ ଏକ ସ୍ଥାନ ଅଛି ଯେଉଁଠାରେ ପ୍ରତିବର୍ଷ ହୋଲି ଅବସରରେ ନନ୍ଦଗାଓଁର ଗୋପ ଯୁବକ ବରସାନାର ଗୋପୀମାନଙ୍କୁ ରଙ୍ଗ ଲଗାଇବା ପାଇଁ ଆସିଥାନ୍ତି । କିନ୍ତୁ ଗୋପ ଯୁବକ ଓ ଗୋପୀମାନଙ୍କ ଭିତରେ ରଙ୍ଗ ଲଗାଇବାକୁ ନେଇ କଳି ଝଗଡ଼ା ହୋଇଥାଏ । ଯାହା ଦେଖିବା ପାଇଁ ଖୁବ୍ କୌତୁକିଆ ଲାଗିଥାଏ । ଏହି ଖେଳକୁ ସ୍ଥାନୀୟ ଲୋକେ ଲଠ୍‌ର୍ ହୋଲି କହିଥାନ୍ତି । ଏଥିରେ କୌଣସି ପ୍ରକାରର ରାଗ, ହିଂସା ନ ଥାଏ ବରଂ ଏହା ସେଠାକାର ଏକ ପରମ୍ପରା ଭାବେ ପ୍ରତିବର୍ଷ ପାଳିତ ହୋଇଆସୁଛି ।

**ଶାନ୍ତିନିକେତନର ହୋଲି:** ପଶ୍ଚିମବଙ୍ଗସ୍ଥିତ ଶାନ୍ତିନିକେତନରେ ହୋଲି ପର୍ବକୁ ବସନ୍ତ ଉତ୍ସବ ଭାବେ ପାଳନ କରାଯାଇଥାଏ। ସୂଚନାନୁଯାୟୀ, ଲୋକପ୍ରିୟ କବି ରବୀନ୍ଦ୍ରନାଥ ଟାଗୋର ଶାନ୍ତିନିକେତନରେ ଏହି ଉତ୍ସବ ପ୍ରଥମେ ଆରମ୍ଭ କରିଥିଲେ । ସେବେଠାରୁ ପ୍ରତିବର୍ଷ ଏହି ଉତ୍ସବ ଏଠାରେ ଖୁବ୍ ଧୁମ୍‌ଧାମ୍‌ରେ ପାଳନ କରାଯାଉଛି । ହୋଲି ଖେଳ ସାଙ୍ଗକୁ ଗୀତ ଓ ନାଚର ଆସର ଏଠାକାର ପରିବେଶକୁ ବେଶ୍ ରଙ୍ଗିନ୍ କରିଦିଏ ।

**ପୁରୁଲିଆର ହୋଲି:** ଶାନ୍ତିନିକେତନ ପରି ପଶ୍ଚିମବଙ୍ଗସ୍ଥିତ ପୁରୁଲିଆର ସାଂସ୍କୃତିକ ଐତିହ୍ୟ ମଧ୍ୟ ଖୁବ୍ ସମୃଦ୍ଧ । କୁହାଯାଏ, ଏଠାରେ କୁଆଡ଼େ ବଙ୍ଗଳା, ଝାଡ଼ଖଣ୍ଡ ଏବଂ ଓଡ଼ିଶାର ମିଶ୍ରିତ ସଂସ୍କୃତିର ଝଲକ ଦେଖିବାକୁ ମିଳେ । ଏଠାରେ ପାଳିତ ହେଉଥିବା ପ୍ରତିଟି ପର୍ବ ସମୟରେ ପାରମ୍ପରିକ ନୃତ୍ୟକଳା ପରିବେଷଣ କରିବା ଏଠାକାର ଏକ ସ୍ୱତନ୍ତ୍ରତା । ଖାସ୍ କରି ହୋଲି ସମୟରେ ଏଠାରେ ବସନ୍ତ ଉତ୍ସବ ପାଳିତ ହେଉଥିବାର ସୂଚନା ରହିଛି । ରଙ୍ଗ ଖେଳିବା ସଙ୍ଗେସଙ୍ଗେ ପାରମ୍ପରିକ ଲୋକକଳାକୁ ନିକଟରୁ ଦେଖିବା ଓ ଜାଣିବାର ସୁଯୋଗ ଥିବାରୁ ହୋଲି ଖେଳିବା ପାଇଁ ଦେଶ ବିଦେଶରୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ପୁରୁଲିଆ ଆସିବା ପାଇଁ ଇଚ୍ଛା କରିଥା'ନ୍ତି ।

**ଉଦୟପୁରର ହୋଲି:** ରାଜସ୍ଥାନର ଉଦୟପୁରରେ ହୋଲି ଅବସରରେ ହୋଲିକା ଦହନ ପାଳନ କରାଯାଇଥାଏ । ଏହାକୁ ମୁଖ୍ୟତଃ ମାରୱାଡି ରାଜ ପରିବାରର ବଂଶଧରମାନେ ପାଳନ କରିଥାନ୍ତି । ହୋଲିକା ଦହନ ପାଇଁ ଯିବା ପୂର୍ବରୁ ରାଜ ପରିବାରର ପ୍ରତ୍ୟେକ ସଦସ୍ୟ ପାରମ୍ପରିକ ପୋଷାକ ପିନ୍ଧିଥାନ୍ତି । ସେମାନଙ୍କ ସହିତ ସୁସଜ୍ଜିତ ଘୋଡ଼ା ଏବଂ ରୟାଲ୍ ବ୍ୟାଣ୍ଡ ମଧ୍ୟ ଶୋଭାଯାତ୍ରାରେ ଯାଇଥାଏ ଯାହା ଏଠାକାର ଏକ ମୁଖ୍ୟ ହୋଲି ଆକର୍ଷଣ ହୋଇଥାଏ ।

Printed by Kishor Chandra Padhi and Published by Siba Prasad Sasamala, Printed at Anupam printers,Shed No. D-2/14, Industrial Estate, Mancheswar, Bhubaneswar, Published from Gurudwara Chowk, Bargarh-768028 (Odisha), Ph.0674-2911731, Email-aadharodisha8@gmail.com

Editor: Dr. Jyotirmaya Patnaik
ସମ୍ପାଦକ - ଡ. ଜ୍ୟୋତିର୍ମୟ ପଟ୍ଟନାୟକ